# ହାତ ମାରିଲେ ଉଠିଯାଉଛି ପିଚୁ

## ନିମ୍ନମାନର ରାସ୍ତା କାମ ବନ୍ଦ କଲେ ଲୋକେ

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ବିଜୟରାମଚନ୍ଦ୍ରପୁର ଅଞ୍ଚଳରେ ନିର୍ମାଣାଧିନ ପିଚୁ ରାସ୍ତାର କାର୍ଯ୍ୟର ମାନକୁ ନେଇ ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀମାନେ ନିର୍ମାଣସ୍ଥଳୀକୁ ଆସୁ ନ ଥିବାରୁ ଠିକାଦାର ମନମୁଖି କାର୍ଯ୍ୟ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକେ ରାସ୍ତା କାମ ବନ୍ଦ କରିଛନ୍ତି।

ସୂଚନ ଅନୁଯାୟୀ, ବିଜୟରାମଚନ୍ଦ୍ରପୁର-ରଘୁନାଥପୁରକୁ ସଂଯୋଗ କରୁଥିବା ଏହି ରାସ୍ତା ପୂର୍ବରୁ ବାରିପଦା ପୌରପରିଷଦ ଅଧୀନରେ ଥିଲା। ୨ବର୍ଷ ପୂର୍ବେ ପୂର୍ତ୍ତ ବିଭାଗକୁ ତାହା ହସ୍ତାନ୍ତର କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ ପରେ ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ ହୋଇଥିଲା। ମାତ୍ର ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା କାର୍ଯ୍ୟ ନ ହେବାରୁ ଖାଲଖମାରେ ଭର୍ତ୍ତି ହୋଇଥିଲା। ଫଳରେ ନିତିଦିନ ଦୁର୍ଘଟଣା ବଢ଼ିବାରେ ଲାଗିଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଅତି ନିମ୍ନମାନର କାର୍ଯ୍ୟ ଚାଲିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଟେଣ୍ଡର ଅନୁଯାୟୀ ରାସ୍ତା ଓସାର ୫.୫ ମିଟର ହେବାକୁ ଥିବା ବେଳେ ୫ ମିଟର କରାଯାଉଛି। ଏହାସହିତ ରାସ୍ତା କଡ଼ର ଡ୍ରେନ୍ ନିର୍ମାଣ କାର୍ଯ୍ୟ ମଧ୍ୟ ନିମ୍ନମାନର ହେଉଥିବାରୁ ତାହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଭାଙ୍ଗିଯାଇଛି ବୋଲି ଅଭିଯୋଗ ହୋଇଛି। ସେହିପରି କାର୍ଯ୍ୟ ସରିବା ପରେ ହାତ ମାରିବା ମାତ୍ରେ ରାସ୍ତାରୁ ପରସ୍ତ ପରସ୍ତ ହୋଇ ପିଚୁ ଉଠିଯାଉଛି ବୋଲି ଅଞ୍ଚଳର ରାଜେଶ ବେହେରା ଓ କରୁଣାକର ସିଂ କହିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଅନୁଧ୍ୟାନ ନିମନ୍ତେ ଆସୁ ନ ଥିବାରୁ ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ଲୋକେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ପରେ ମଧ୍ୟ ଘଟଣାସ୍ଥଳକୁ ଯନ୍ତ୍ରୀ ନ ଯିବାରୁ ଶୁକ୍ରବାର ଲୋକେ ପୁଣି ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ନିର୍ମାଣ କାର୍ଯ୍ୟ ବନ୍ଦ ନେଇ ଖବର ମିଳିବା ପରେ ଅଧୀକ୍ଷଣ ଯନ୍ତ୍ରୀ ରୋହନ ଗୌରଭ ରାୟ ଅନ୍ୟ ଯନ୍ତ୍ରୀଙ୍କ ସହ ଘଟଣାସ୍ଥଳକୁ ଯାଇ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବା ନେଇ ସେ ସ୍ୱୀକାର କରିବା ସହ କ୍ୱାଲିଟି କଣ୍ଟ୍ରୋଲ ଟିମ୍ ଦ୍ୱାରା ମାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପୁନଶ୍ଚ ନୂତନ ଭାବେ ରାସ୍ତାର ନିର୍ମାଣ କାର୍ଯ୍ୟ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ରାୟ କହିଛନ୍ତି। ଆଗକୁ ଟେଣ୍ଡର ଅନୁଯାୟୀ ଯଦି ଠିକ୍ ଭାବେ ରାସ୍ତା ନିର୍ମାଣ କାର୍ଯ୍ୟ ନ ହେବ ତେବେ ସ୍ଥାନୀୟ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଅଜିତ କୁମାର ବେହେରା, ସଞ୍ଜୀବ ପଟ୍ଟନାୟକ ଓ ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଅନ୍ୟାନ୍ୟ ବାସିନ୍ଦାମାନେ ଚେତାବନୀ ଦେଇଛନ୍ତି।


ରାସ୍ତାରୁ ଉଠିଯାଇଥିବା ପିଚୁ।

# ଇଂଲିଶ ବିଭାଗର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଇଂଲିଶ ବିଭାଗ ପକ୍ଷରୁ ଏକଦିବସୀୟ ଆଲୋଚନା ଚକ୍ର ବିଭାଗୀୟ ମୁଖ୍ୟ ତଥା ଅଧ୍ୟକ୍ଷା ଡ. ସାଗରିକା ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ଡ. ଶିଳ୍ପା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଂଲିଶ ସାହିତ୍ୟରେ ହାସ୍ୟ ରସାତ୍ମକ ଓ ବ୍ୟଙ୍ଗାତ୍ମକ ଲେଖା କିଭଳି ପାଠକଙ୍କ ମୁଖରେ ହାସ୍ୟରୋଳ ସୃଷ୍ଟି କରିପାରେ, ସେ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ସ୍ମୃତି ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ବିଭାଗ ମୁଖ୍ୟ ଡ. ସିଂହ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ। ବିଭାଗର ଅନ୍ୟତମ ସହକାରୀ ପ୍ରଫେସର ରଜନୀକାନ୍ତ ଶଙ୍ଖୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମକର୍ତ୍ତା ତଥା ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ଦେବହୁତି ଦାସ ଧନ୍ୟବାଦ ଦେଇଥିଲେ।

# ଗଛରୁ ଖସିପଡ଼ି ଯୁବକ ଗୁରୁତର

ମୋରଡ଼ା,୩।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ାସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ ଅଫିସ ନିକଟରେ ଥିବା ଏକ ଅମ୍ବ ଗଛରୁ ଖସିପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ମୋରଡା ଗ୍ରାମର ଶ୍ୟାମ ସୁନ୍ଦର ବେହେରା। ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦର ଛେଳି ପାଇଁ ଡାଳ ଆଣିବାକୁ ଯାଇ ଆମ୍ବ ଗଛରେ ଚଢ଼ିଥିଲେ। ତେବେ କୌଣସି କାରଣ ବଶତଃ ଗଛରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିବା ଜଣାପଡ଼ିଛି।

# ପୁଣି ଆରମ୍ଭ ହେଲା ଉଦଳା ମହୋତ୍ସବ ଧୁମୁସା



ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉଦଳା,୩।୧ (ସନ୍ତୋଷ କୁମାର ବାଛିନୀ)

## ବିଧାୟକ ଗାଇଲେ ଗୀତ

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦେହାନ୍ତ ଯୋଗୁ ବନ୍ଦ ରହିଥିବା ଉଦଳା ମହୋତ୍ସବ ଧୁମୁସା ଶୁକ୍ରବାରଠାରୁ ପୁଣି ଆରମ୍ଭ ହୋଇଛି। ଏହା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ସନ୍ଧ୍ୟାରେ ଉଦଳା ମହୋତ୍ସବ ଧୁମୁସାର ତାଳରେ ନାଚିଥିଲେ ସମସ୍ତେ। ଦ୍ୱିତୀୟ ସନ୍ଧ୍ୟା ଖୁଣ୍ଟା ଏବଂ ଗୋପବନ୍ଧୁନଗର ବ୍ଲକ ପାଇଁ ରହିଥିବା ବେଳେ ଏଥିରେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମ୍ମାନିତ ଅତିଥି ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ,ଏନ୍ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉପାଧ୍ୟକ୍ଷା ଲିଲି ଭୋଳ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଧୁମୁସା ବେଲୁନ ମଧ୍ୟ ଉଡ଼ାଯାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ସିନେ ତାରକା ଶିବାନୀ ମୁଖ୍ୟ ଆକର୍ଷଣ ପାଲଟିଥିବା ବେଳେ ସମସ୍ତେ ତାଙ୍କ ନାଚ ବେଶ ଉପଭୋଗ କରିଥିଲେ। ଏହା ବ୍ୟତୀତ ସମସ୍ତଙ୍କ ଆକର୍ଷଣ ପାଲଟିଥିଲା ଆଦିବାସୀ ବାଦ୍ୟ ଯନ୍ତ୍ରର ତାଳେ ତାଳେ ହୋଇଥିବା ଆଦିବାସୀ ନୃତ୍ୟ। ଯାହା ସମସ୍ତଙ୍କୁ ବେଶ ଝୁମାଇ ଥିଲା। ଉପସ୍ଥାପିକା ଆରାଧନାଙ୍କ ଉପସ୍ଥାପନା ସମସ୍ତଙ୍କ ମନ ମୋହିଥିଲା। ମଞ୍ଚ କାର୍ଯ୍ୟକ୍ରମ ସମୟରେ ନିଜ ବକ୍ତବ୍ୟ ବଦଳରେ ଉଦଳା ବିଧାୟକ ଭାସ୍କର ମଢ଼େଇ ଚିଠି ମୋର ଆସିଲାନି ଆସିବାର ଥିଲା ଗୀତ ଗାଇଥିଲେ। ଯାହାକି ସମସ୍ତଙ୍କୁ ବେଶ ମନୋରଞ୍ଜନ ଦେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟା ବ୍ଲକ ଉପାଧ୍ୟକ୍ଷା ଜବା କିସ୍କୁ, ଗୋପବନ୍ଧୁନଗର ବ୍ଲକ ବିଡିଓ ପୃଥ୍ୱୀରାଜ ପରିଡାଙ୍କ ସମେତ ବହୁ ଜନ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଫିଲ୍ମର ଯୁବ ପ୍ରଯୋଜକ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

# ବେତନଟୀ ଶିଶୁ, ଯୁବ ମହୋତ୍ସବ

ବେତନଟୀ,୩।୧ (ଧରଣୀଧର ମହାନ୍ତି)

ବେତନଟୀ ୟଙ୍ଗମ୍ୟାନ ଆସୋସିଏସନ ପକ୍ଷରୁ ଆୟୋଜିତ ଶିଶୁ ଓ ଯୁବ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଶିଶୁ ଓ ପ୍ରତିଭାଧାରୀମାନଙ୍କୁ ଉତ୍ସାହିତ ପାଇଁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ,ସାମାଜିକ କର୍ମୀ ବିକାଶ ସେଠୀ, ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ ଏବଂ ସମିତି ସଭ୍ୟ ରଣଜିତ ସିଂ ପ୍ରମୁଖ ଯୋଗଦେଇ ବିଜେତା କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

# 'ଲକ୍ଷ୍ୟ ହାସଲ ପାଇଁ ସାଧନା ଅପରିହାର୍ଯ୍ୟ'


ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଗୋପବନ୍ଧୁନଗର,୩।୧ (ଶାନ୍ତନୁ କୁମାର ମନ୍ଥୁଆଳ)

## ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ୩୪ତମ ବାର୍ଷିକୋତ୍ସବ

ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ସାରସ୍ୱତ ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ସୁବଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗଦେଇ ପିଲାମାନଙ୍କୁ ବଡ଼ ଓ ସାନମାନଙ୍କୁ ସମ୍ମାନ ଦେଇ କଥା କହିବା, ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ହେଲେ କଠୋର ସାଧନାର ଆବଶ୍ୟକ ଅଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର, ପ୍ରକାଶକ, ବହିଘର ଓ ବିଦ୍ୟାଭରତୀର ପ୍ରତିଷ୍ଠାତା ଇଂ. ଅଭୟ ଦାସ ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଆକାରରେ କଲମ, କପ ନୁହଁ ବରଂ କିଛି ଉପାଦେୟ ବହି ଦେଲେ ସେମାନେ କିଛି ଜ୍ଞାନ ଆହରଣ କରିପାରିବେ ବୋଲି ପ୍ରସ୍ତାବ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଥମ ସଭାପତି ରତିକାନ୍ତ ମିଶ୍ର, ସମ୍ମାନୀୟ ଅତିଥି ମହାବିଦ୍ୟାଳୟର ପୂର୍ବତନ ସଭାପତି ଶିକ୍ଷାବିତ ମନମୋହନ ମହାପାତ୍ର ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବାଳକ ବିଭାଗରୁ ଅଭୟ ସିଂ ଓ ଗୌତମ ଦେ ଏବଂ ବାଳିକା ବିଭାଗରୁ ଛବିରାଣୀ ସିଂଙ୍କୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ଅଧ୍ୟାପିକା ଡ.ମିତାରାଣୀ ଦ୍ୱିବେଦୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅଧ୍ୟାପକ ଡ. ପ୍ରଭାସ ସେନାପତି ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ଅପରାହ୍ନରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ହଟିଲା ଆନ୍ଦୋଳନ, ଆଜିଠୁ ଧାନକିଣା

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦାବି ପୂରଣ ହେବା ପରେ ମୟୂରଭଞ୍ଜ ଜିଲା ମିଲର ସଂଘ ଚଳାଇଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ବାଦ୍ ପଡ଼ିଥିବା ୩ ମିଲରଙ୍କୁ ଧାନ କିଣିବାର ଅନୁମତି ପ୍ରଦାନ ପରେ ଶନିବାରଠାରୁ ଧାନ କିଣାହେବ ବୋଲି ସଂଘ ନିଷ୍ପତ୍ତି ଗ୍ରହଣ କରିଛି। ଏନେଇ ଚାଷୀଙ୍କ ମଧ୍ୟରେ ଉପୁଜିଥିବା ଦ୍ୱନ୍ଦ ଓ ଆଶଙ୍କା ଦୂର ହୋଇଛି। ମିଲର ସଂଘର ଆନ୍ଦୋଳନ ଯୋଗୁ ୨ ଦିନ ହେଲା ଜିଲାରେ ଧାନ କିଣା ବନ୍ଦ ରହିଥିଲା। ତେବେ ଜିଲାରେ ସମସ୍ତ ମଣ୍ଡି ଖୋଲି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି କଟ୍‌ଣି ଛଟ୍‌ଣିକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଲ୍ୟାମ୍ପସ୍ ଓ ଆରଏମ୍‌ସି ଅଧିକାରୀଙ୍କ ମନମୁଖି କାର୍ଯ୍ୟପାଇଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କିଣା ପାଇଁ ହୋଇଥିବା ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏପରିକି ଧାନ ବିକ୍ରି ନିମନ୍ତେ ଖାଲି ବସ୍ତା ଯୋଗାଇବା ଓ ଧାନ ଲୋଡିଂ ଅନଲୋଡିଂ ନିମନ୍ତେ ପାରିଶ୍ରମିକ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ତାହାକୁ ଅବମାନନା କରାଯାଉଛି ବୋଲି ନବ ନିର୍ମାଣ କୃଷକ ସଂଗଠନ ଅଭିଯୋଗରେ ଦର୍ଶାଇଛି। ଚାଷୀଙ୍କୁ ହଇରାଣ ହରକତ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଗଠନର ସଭାପତି ପ୍ରାଣବନ୍ଧୁ ପଲେଇ ଦାବି କରିଛନ୍ତି।

# ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ

ବେତନଟୀ,୩।୧ (ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ ଅଧୀନ ଶାଳବଣୀସ୍ଥିତ ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନୀତ ଅତିଥି ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲିକ, ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବେତନଟୀ ତହସିଲଦାର ସୁରତ ଚନ୍ଦ୍ର ରାଉତ, ଉପାଧ୍ୟକ୍ଷ ମୋହନଦାସ ଗିରି ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତା ଓ ଏକାଡେମିକରେ କୃତିତ୍ୱ ହାସଲ କରିଥିବା ୨୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବେତନଟୀ ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଆରମ୍ଭ ହେଲା ଶିଳ୍ପଭିତ୍ତିକ ପାର୍କ ନିର୍ମାଣ କାମ

## ବିକ୍ଷୋଭକାରୀଙ୍କୁ ଥାନାରେ ଅଟକ ରଖିଲା ପୋଲିସ

ମୋରଡ଼ା,୩।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନୂଆଖାଲିଆ ପଞ୍ଚାୟତର କାନ୍ଦାଣା ଗ୍ରାମରେ ଶିଳ୍ପ ଭିତ୍ତିକ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟର ନିର୍ମାଣ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ତେବେ ଉକ୍ତ ପାର୍କକୁ ନେଇ ବିବାଦ ଦେଖାଦେଇଛି। ବିରୋଧ କରୁଥିବା ମହିଳାମାନଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, କାନ୍ଦାଣା ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ ଜମିରେ ପାର୍କ ନିର୍ମାଣ ହେଉଛି। ବର୍ଷ ବର୍ଷ ଧରି ଉକ୍ତ ଗ୍ରାମର ୧୦୩ପରିବାର ମୋରଡ଼ା ତହସିଲ ପ୍ରଶାସନକୁ ଜରିମାନା ପ୍ରଦାନ କରି ଉକ୍ତ ଜମିରେ ଚାଷ କାର୍ଯ୍ୟ କରୁଥିଲେ। ତେବେ ଶୁକ୍ରବାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା ଜାଣି ୨୫ଟି ପରିବାରର ମହିଳାମାନେ ଉକ୍ତ ଜାଗାରେ ବାଡ଼ ଘେରାଇ ସୋରିଷ ମଞ୍ଜି ବୁଣିଥିଲେ। ଏହି ମହିଳାମାନେ କିଛି କୁଚକ୍ରୀଙ୍କ ପ୍ରରୋଚନାରେ ପଡ଼ି କାର୍ଯ୍ୟକୁ ବିରୋଧ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିବେ ଏବଂ ଆତ୍ମହୁତି ଦେବେ ବୋଲି ଆଇଟିଡିଏ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଆସିଥିବା ଅଧିକାରୀମାନେ ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କୁ ସୂଚନା ଦେଇଥିଲେ। ଖବରପାଇ ୫ ପ୍ଲାଟୁନ ଫୋର୍ସ, ମାଜିଷ୍ଟ୍ରେଟ ଭାବେ ମୋରଡ଼ା ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଜୀ, ବେତନଟୀ ଏସ୍‌ଡିପିଓ ମମତା ସାହୁ, ମୋରଡ଼ା ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀ ମହିଳାମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଉକ୍ତ ପାର୍କ ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ଚାରୋଟି ସୋଲାର ବୋରିଂ, କଦଳୀ ଚାଷ, ପନିପରିବା ଚାଷ, ଗାଈଗୋରୁଙ୍କ ପାଇଁ ସେଡସହିତ ଅନ୍ୟାନ୍ୟ କାର୍ଯ୍ୟ କରାଯିବ ବୋଲି ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଗଙ୍ଗାଧର ପ୍ରଧାନ ସୂଚନା ଦେଇଛନ୍ତି।


ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରୁଥିବା ମହିଳାମାନେ।

# ତେଜିଲା ବୈଶିଙ୍ଗା ବ୍ଲକ୍ ଗଠନ ଦାବି

ବୈଶିଙ୍ଗା,୩।୧ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାରେ ବ୍ଲକ ଗଠନ ନେଇ ବିଭିନ୍ନ ମହଲରୁ ଦାବି ହେଉଛି। ଏଠାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ପାଇଁ ପ୍ରଶସ୍ତ ସରକାରୀ ଜମି ସହିତ ଗମନାଗମନ ଓ ଅନ୍ୟାନ୍ୟ ସୁବିଧା ରହିଛି। ଏ ସମ୍ପର୍କରେ ଅଞ୍ଚଳବାସୀ ବହୁ ଥର ଦାବି କରିବା ସହିତ ସ୍ଥାନୀୟ ବିଧାୟକ ବିଧାନସଭାରେ ଦାବି ଉପସ୍ଥାପନ କରିଛନ୍ତି। ମାତ୍ର ସରକାରୀସ୍ତରରେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି।

ସୂଚନା ଅନୁଯାୟୀ, ସ୍ୱାଧୀନତାଠାରୁ ୨୦୦୯ ପର୍ଯ୍ୟନ୍ତ ବୈଶିଙ୍ଗା ଏକ ବିଧାନସଭା ନିର୍ବାଚନମଣ୍ଡଳୀର ମାନ୍ୟତା ପାଇଥିଲା। ୨୦୦୯ଠାରୁ ଏହାର ନାଁ ବଦଳାଇ ବଡ଼ସାହି ନିର୍ବାଚନମଣ୍ଡଳୀ କରାଗଲା। ସ୍ୱାଧୀନତା ପରେ ବ୍ଲକ ଗଠନ ପ୍ରକ୍ରିୟାରେ ବୈଶିଙ୍ଗାଠାରେ ବ୍ଲକ କାର୍ଯ୍ୟାଳୟ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ସେଥିପାଇଁ ଏବେବି ଅନେକ ସରକାରୀ କାଗଜପତ୍ରରେ ବେତନଟୀ ପରିବର୍ତ୍ତେ ବୈଶିଙ୍ଗା ବ୍ଲକ ଉଲ୍ଲେଖ ରହିଛି ।

ପରବର୍ତ୍ତୀ ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ସମୟରେ ବହୁ ବୁଦ୍ଧିଜୀବୀ , ଛାତ୍ରନେତା ତଥା ରାଜନୈତିକ ନେତୃବୃନ୍ଦ ଏକ ବ୍ଲକ କ୍ରିୟାନୁଷ୍ଠାନ କମିଟି ଗଠନ କରି ସରକାରଙ୍କୁ ଦାବିପତ୍ର ଦେବା ସହିତ ବହୁ ଦିନ ଧରି ଆନ୍ଦୋଳନ ଚଳାଇ ଆସିଥିଲେ ମଧ୍ୟ ତାହା ପୂରଣ ହୋଇପାରି ନାହିଁ। ଭୌଗଳିକ ଅବସ୍ଥିତି ଅନୁଯାୟୀ ବୈଶିଙ୍ଗାକୁ କେନ୍ଦ୍ରବିନ୍ଦୁ କରି ୧୭ଟି ପଞ୍ଚାୟତକୁ ନେଇ ୩୬ ଓ ୩୭ ନଂ. ଜିଲାପରିଷଦ ଜୋନ ଗଠିତ ହୋଇଛି। ବେତନଟୀ ନିକଟରେ କେବଳ ୩୫ନଂ.ଜିଲା ପରିଷଦର ବେତନଟୀ,ସଠିଲୋ,ଦହିକୋଟୀ,ମୁକ୍ତାପୁର,ଏସଏସ ନହଣ୍ଡାଶୋଳ,ପୁରିନ୍ଦା, ଆଗ୍ରିଆ ଭଳି ୭ଟି ପଞ୍ଚାୟତ ରହିଛି। ସେହିପରି ୩୬ନଂ. ଜିଲା ପରିଷଦରେ ବୈଶିଙ୍ଗା, ସନ୍ତରା, ହାତୀଝୁରୀ, ଯୁଗଳ, କେନ୍ଦୁଆ, ପାଟଳିପୁରା, ନଡପୁର, ଗଡଦେଉଳିଆ ପଞ୍ଚାୟତ ଥିବା ବେଳେ ୩୭ନଂ. ଅଧୀନରେ କଳମା, ପୁରୁଣିଆ, ମହିଷାଶୋଳ, ଆମ୍ବଗଡ଼ିଆ, ରଘୁପୁର, ଅଁଳା, ଚାଙ୍ଗିପଦା,ମେରଦା ଓ ସଇତପୁର ପଞ୍ଚାୟତ ରହିଛି।

ବେତନଟୀ ବ୍ଲକ ଅଞ୍ଚଳରେ ମୋଟ ୨୨୨ଟି ରାଜସ୍ୱ ଗ୍ରାମ ଥିବା ବେଳେ ୩୭ନଂ. ଜୋନର ପଞ୍ଚାୟତବାସୀଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବାପାଇଁ ହେଲେ ୩୦ କିମି ଦୂରରେ ଥିବା ବେତନଟୀ ଯିବାକୁ ପଡ଼ିଥାଏ। ଅର୍ଥଶ୍ରାଦ୍ଧ ସହିତ ଗୋଟିଏ ଦିନ ବିତିଯାଇଥାଏ। ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ କୁହନ୍ତି, ୨୪ଟି ପଞ୍ଚାୟତକୁ ନେଇ ଗଠିତ ଏହି ବେତନଟୀ ବ୍ଲକର କାର୍ଯ୍ୟାଳୟ ଶେଷ ସୀମାରେ ସ୍ଥାପନ କରାଯାଇଛି। ଅନ୍ୟ ପକ୍ଷରେ ଭୌଗଳିକ ଅବସ୍ଥିତି ଦେଖିବାକୁ ଗଲେ ବୈଶିଙ୍ଗା ୨୪ଟି ଯାକ ପଞ୍ଚାୟତର ଠିକ୍ ମଧ୍ୟ ସ୍ଥଳରେ ଥିବା ଯୋଗୁ ଏଠାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଜନସାଧାରଣ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ତ୍ୱରିତ ଲାଭ ପାଇପାରନ୍ତେ।

ବଡ଼ସାହି ବିଧାୟକ ସନାତନ ବିଜୁଳି କହିଛନ୍ତି ଯେ, ୨୦୨୩ ମାର୍ଚ୍ଚ ୨୦ରେ ବିଧାନସଭାରେ ବୈଶିଙ୍ଗା ଓ ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣଡ୍ରୀଠାରେ ଦୁଇଟି ନୂତନ ବ୍ଲକ ସ୍ଥାପନର ଜରୁରୀ ଆବଶ୍ୟକତା ନେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲି। ଏହା ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ଦୃଢ଼ ଦାବି ବିଧାନସଭାରେ ଉପସ୍ଥାପନ କରିଆସିଛି। ଏଠାରେ ବ୍ଲକ ସ୍ଥାପନ କରାଗଲେ ଜନସାଧାରଣ ବହୁ ମାତ୍ରାରେ ଉପକୃତ ହୋଇପାରନ୍ତେ। ଆଗାମୀ ଦିନରେ ମଧ୍ୟ ଏଥିପାଇଁ ଲଢ଼େଇ ଜାରି ରହିବ।

ଅବସରପ୍ରାପ୍ତ ଜିଲା ସବ୍ ରେଜିଷ୍ଟ୍ରାର ତଥା ବୈଶିଙ୍ଗା ବ୍ଲକ କ୍ରିୟାନୁଷ୍ଠାନ କମିଟିର ଆବାହକ ବିରାମ ମାରାଣ୍ଡି କୁହନ୍ତି, ୧୯୯୧ରୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ଏକ ନୂତନ ବ୍ଲକ ସ୍ଥାପନ ପାଇଁ ସଂଗ୍ରାମ ଜାରି ରହିଛି। ଆଗକୁ ମଧ୍ୟ ଏହା ଅଧିକ ଶାଣିତ ହେବ ଏବଂ ବିଶ୍ୱାସ ନୂଆ ସରକାର ନିଶ୍ଚୟ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

**ବାସୁଦେବପୁର,୩।୧ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଏକତାଳ କୁରୁବାଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗୁରୁବାର ରାତିରେ ଚୋରି ହୋଇଛି। ଚୋରମାନେ ବିଦ୍ୟାଳୟର ଫାଟକ ଓ ୮ ଶ୍ରେଣୀଗୃହର ତାଲା କାଟି ସାଢ଼େ ୯ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ସହ ୪ ବଡ଼ ହାଣ୍ଡି, ୨ କଡ଼େଇ, ୪ ମାଢ଼, ୪ ବାଲ୍‌ଟି, ୫ ଚେୟାର, ୨ ପାଣି ମଟର, ପାଇପ୍, ୨ ଗ୍ୟାସ୍ ଚୁଲା, ୫୦ ଥାଳି, ୪ ହଣ୍ଡା, ଖଡ଼ିକା, ଗୋଟିଏ ମ୍ୟୁଜିକ୍ ବକ୍ସ ଆଦି ଚୋରି କରି ନେଇଛନ୍ତି। ଶୁକ୍ରବାର ସକାଳେ ତାଲା ଭଙ୍ଗା ଯାଇଥିବା ଦେଖି ସ୍ଥାନୀୟ ଲୋକେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମଣ୍ଡଳ ଏନେଇ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩/୨୫) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏହି ଚୋରିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ପ୍ରାୟ ୧ ମାସ ମଧ୍ୟରେ ୫/୬ଟି ଶିକ୍ଷାନୁଷ୍ଠାନରୁ ଅନୁରୂପ ଭାବେ ଚାଉଳ ଓ ଉପକରଣ, ସାମଗ୍ରୀ ଚୋରି ହୋଇଆସୁଥିବା ବେଳେ ପୋଲିସ ଓ ଶିକ୍ଷକଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି।

# ମଦ ବିରୋଧରେ ତାତିଲେ ମହିଳା



ମହିଳାମାନେ ବନ୍ତ–ବାରିକପୁର ରାସ୍ତା ଅବରୋଧ କରିଛନ୍ତି।

### ଦୋକାନ ଉଚ୍ଛେଦ ଦାବିରେ ରାସ୍ତାରୋକୋ

**ବନ୍ତ,୩।୧ (ହରି ନାରାୟଣ ମହାନ୍ତି)**

ମଦ ବିରୋଧରେ ତାତିଲେ ମହିଳା। ଶୁକ୍ରବାର ବନ୍ତ–ବାରିକପୁର ରାସ୍ତାର କେନ୍ଦୁଆପଦା ପଞ୍ଚାୟତ ଗଣ୍ଡଗରାଠାରେ ଥିବା ଦେଶୀ ଓ ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ଶତାଧିକ ମହିଳା ରାସ୍ତାରୋକୋ କରିଛନ୍ତି। ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ୧ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ରହିବା ସହ କେନ୍ଦୁଆପଦା ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା।

ମହିଳାମାନେ ଦର୍ଶାଇଛନ୍ତି ଯେ, ଦୀର୍ଘ ୧୦ ବର୍ଷ ଧରି ରାସ୍ତାପାର୍ଶ୍ୱରେ ଦେଶୀ ଓ ବିଦେଶୀ ମଦ ଦୋକାନ ଚାଲିଛି। ମଦ୍ୟପମାନେ ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଯାଆସ କରୁଥିବା ସାଧାରଣ ଲୋକ, ମହିଳା, ଛାତ୍ରୀଛାତ୍ର ଓ ଯାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଫଳରେ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିବାକୁ ଡରୁଛନ୍ତି। ମଦ୍ୟପମାନେ ମଦ୍ୟପାନ କରି ଗ୍ରାମ ଓ ପରିବାର ମଧ୍ୟରେ ନାନାଦି ଅଶାନ୍ତି ସୃଷ୍ଟି କରୁଛନ୍ତି। ଦୁଇ ମଦ ଦୋକାନକୁ ଉଚ୍ଛେଦ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

ଶେଷରେ ସେମାନେ ବାଧହୋଇ ରାସ୍ତାରୋକୋ କରିଥିବା ମହିଳାମାନେ କହିଥିଲେ। ସେଣ୍ଠତୀରା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଭାସ୍କର ଚନ୍ଦ୍ର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସାହୁ, ମାଧବାନନ୍ଦ ବିଶ୍ୱାଳ, ପାଣ୍ଡବ ବିଶ୍ୱାଳଙ୍କ ସମେତ ସନ୍ତୋଷ କୁମାର ଜେନା, ଭାସ୍କର ଚନ୍ଦ୍ର ସେନାପତି, ଅନିରୁଦ୍ଧ ଜେନା ପ୍ରମୁଖ ଆନ୍ଦୋଳନକୁ ସମର୍ଥନ ଜଣାଇ ଉପସ୍ଥିତ ରହିଥିଲେ। ରୀନାରାଣୀ ଜେନା, ସଞ୍ଜୁଲତା ମହାପାତ୍ର, ଅବଳା ସାହୁ, ମୀନାକ୍ଷୀ ନାୟକ, ଉଷାରାଣୀ ସ୍ୱାଇଁ, ରଞ୍ଜିତା ସ୍ୱାଇଁ, ମାନସୀ ସ୍ୱାଇଁ, ସରୋଜିନୀ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଏଥିରେ ସାମିଲ ହୋଇଥିଲେ। ଖବର ଲେଖାହେବା ସୁଦ୍ଧା କୌଣସି ସମାଧାନ ହୋଇ ନ ଥିଲା। ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ।

## ମାଟିଗଦା ଉପରେ ଚଢ଼ିଗଲା ତୀର୍ଥଯାତ୍ରୀ ବସ୍



ମାଟିଗଦା ଉପରେ ଚଢ଼ି ଯାଇଥିବା ବସ୍।

### ଅଳ୍ପକେ ରକ୍ଷା ପାଇଲେ ୬୦ ଯାତ୍ରୀ

**ନଳାଙ୍ଗ,୩।୧ (ସାଇଶଙ୍କର ମହାକୁଡ଼)**

୧୬ ନଂ. ଜାତୀୟ ରାଜପଥର ଧାମନଗର ଥାନା ଅଧୀନ ବିଷ୍ଣୁପୁର ଛକ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଥିବା ୬୦ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶରୁ ତୀର୍ଥଯାତ୍ରୀ ବସ୍‌ଟି ପୁରୀ ଅଭିମୁଖେ ଯାଉଥିଲା। ବିଷ୍ଣୁପୁର ଛକଠାରେ ହୋଇଥିବା ଡାଇଭର୍ସନ ନିକଟରେ ଥିବା ମାଟିଗଦା ଉପରେ ବସ୍‌ଟି ମାଡ଼ି ଯାଇଥିଲା। ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଆହତ ୪ ଜଣଙ୍କୁ ପ୍ରଶାସନ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଭଦ୍ରକ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କ ସହ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଅନ୍ୟ ଏକ ବସ୍‌ର ବ୍ୟବସ୍ଥା କରାଯାଇ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା। ଦୀର୍ଘଦିନ ଧରି ସେଠାରେ ରାସ୍ତା କାମ ଚାଲୁଥିବା ବେଳେ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି କହି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ।

## ବର୍ଷକରେ ୪ ଥାନାରେ ୧୫୫୪ ମାମଲା

**ବାସୁଦେବପୁର,୩।୧ (ନାରାୟଣ ପ୍ରସାଦ ବାରିକ୍)**

### ବାସୁଦେବପୁର ଥାନାରେ ସର୍ବାଧିକ

ବାସୁଦେବପୁର ବ୍ଲକ ଓ ପୌରପାଳିକା ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା ବେଳେ ୨୦୨୪ରେ ବାସୁଦେବପୁର, ନାୟକାଣିଡିହୀ, ଚୁଡ଼ାମଣି ଓ କଷିଆ ସାମୁଦ୍ରିକ ଥାନା ମୋଟ ୪ ଥାନାରେ ୧୫୫୪ଟି ମାମଲା ରୁଜୁ ହୋଇଛି। ବାସୁଦେବପୁର ଥାନାରେ ସର୍ବାଧିକ ୯୬୪ଟି ମାମଲା, ନାୟକାଣିଡିହୀ ଥାନାରେ ୩୦୯, କଷିଆ ସାମୁଦ୍ରିକ ଥାନାରେ ୧୮୭ ଓ ଚୁଡ଼ାମଣି ସାମୁଦ୍ରିକ ଥାନାରେ ସର୍ବନିମ୍ନ ୯୪ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଚୁଡ଼ାମଣି ଓ କଷିଆଠାରେ ଥିବା ସାମୁଦ୍ରିକ ଥାନା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଓ ଜଳପଥରେ ହେଉଥିବା ଅପରାଧ ହ୍ରାସ, ନିୟନ୍ତ୍ରଣ ପାଇଁ କାର୍ଯ୍ୟ କରୁଛି। ବାସୁଦେବପୁରରେ ଦିନକୁ ଦିନ ଅପରାଧ ବଢ଼ି ଚାଲିଥିବା ସହ କେସ୍ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅଧିକ ସଂଖ୍ୟକ କର୍ମଚାରୀ ଏସବୁ ଥାନାରେ ଯୋଗାଇ ଦିଆଗଲେ ଅପରାଧ ନିୟନ୍ତ୍ରଣ ହୋଇପାରିବା ସହ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠାରେ ଅଧିକ ସହାୟକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ସଡ଼କ ସୁରକ୍ଷା ସଚେତନତା



ସଡ଼କ ସୁରକ୍ଷା ସଚେତନତା ପାଇଁ ବାହାରିଥିବା ପଦଯାତ୍ରା।

**ଚାନ୍ଦବାଲି,୩।୧ (କିଷାନ ପାତ୍ର)**

ଚାନ୍ଦବାଲି ବ୍ଲକ ଶିବ ଦୁର୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା ସମ୍ପର୍କିତ ଏକ ପଥପ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର, ପୋଲିସ କର୍ମଚାରୀ ଓ ଭଦ୍ରକ ଆଞ୍ଚଳିକ ପରିବହନ କର୍ମଚାରୀମାନେ ସଚେତନତା ବାର୍ତ୍ତା ପ୍ରଚାର କରି ଚାନ୍ଦବାଲି ସହର ପରିକ୍ରମା କରିଥିଲେ। ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଲାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, ସିଟ୍‌ବେଲ୍ଟ ପିନ୍ଧିବା, ମଦ ପିଇ ଗାଡ଼ି ନ ଚଲାଇବା ଓ ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଗାଡ଼ି ଚଲାଇବାକୁ ନ ଦେବା ଆଦି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଟ୍ରାଫିକ ଏସ୍‌ଆଇ ଶର୍ମିଷ୍ଠା ମିଶ୍ର, ଏଏସ୍‌ଆଇ ଶ୍ୟାମସୁନ୍ଦର ନାୟକ, ଚାନ୍ଦବାଲି ଥାନା ଏସ୍‌ଆଇ ବୈଦ୍ୟନାଥ ମୁର୍ମୁ, ଉଦିତ ନାରାୟଣ ନନ୍ଦ, ରଶ୍ମିତା ସାହୁ, ଅଶ୍ୱିନୀ କୁମାର ପାଣିଗ୍ରାହୀ, ଉମାଶଙ୍କର ଖୁଣ୍ଟିଆ, ଶିବଦୁର୍ଗା ସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଡ଼କ ସୁରକ୍ଷା ନେଇ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

## ‘ବନ୍ଧୁମିଳନର ଅନୁଭୂତି ନିଆରା’

**ଧୂଷୁରୀ, ୩।୧ (ଦୀପ୍ତିରଞ୍ଜନ ନାୟକ)**

ବନ୍ଧୁତ୍ୱ ହେଉଛି ସ୍ନେହ ମମତାର ଅତୁଟ ବନ୍ଧନ। ଆଉ ବନ୍ଧୁମିଳନର ଅନୁଭୂତି ହେଉଛି ବାସ୍ତବିକ ନିଆରା ବୋଲି ଶୁକ୍ରବାର ଧାମନଗର ବ୍ଲକ ହସନାବାଦଠାରେ ଥିବା ଗୋପବନ୍ଧୁ ପାର୍କରେ ଧୂଷୁରୀ ଜିଲା ପରିଷଦ ଜୋନ୍‌ସ୍ତରୀୟ ବନ୍ଧୁମିଳନ ସମାରୋହରେ ମତପ୍ରକାଶ ପାଇଥିଲା। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧୂଷୁରୀ ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ସାହୁ, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଡା. ସଞ୍ଜୟ ଦାସ, ବମକୁରା ସରପଞ୍ଚ ପ୍ରତିନିଧି ଭାନୁ ପଲାଇ, ପଣ୍ଡିତ ଦୟାନିଧି ମିଶ୍ର, ଶଙ୍କର୍ଷଣ ବାରିକ, ସନ୍ତୋଷ ରାୟ, ଧରଣୀଧର ନାୟକ, ଅନନ୍ତ ନାୟକ, ରଞ୍ଜନ ଭୂୟାଁ, କୁମ୍ଭ ମାଝୀ, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ପାଳସାହି ସରପଞ୍ଚ ଅଜୟ ମଲିକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।


ଧୂଷୁରୀ ଜିଲା ପରିଷଦ ଜୋନ୍‌ସ୍ତରୀୟ ବନ୍ଧୁମିଳନ ସମାରୋହରେ ସାମିଲ ନେତା ଓ ଅନ୍ୟମାନେ।

## ଭାଜପାର ୭ ମଣ୍ଡଳ ସଭାପତି ଘୋଷଣା



**ଧାମନଗର,୩।୧ (ଦେବେନ୍ଦ୍ର ଆଢ଼ିଆ/ସନ୍ତୋଷ କୁମାର ମହାପାତ୍ର)**

ଭାଜପାର ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ୭ଟି ମଣ୍ଡଳର ନୂତନ ସଭାପତି ଚୟନ କରାଯାଇଛି। ମୁକୁନ୍ଦଦେବ ମଣ୍ଡଳ ସଭାପତି ଭାବେ ପ୍ରମୋଦ କୁମାର ସୂତାର, ଗ୍ରାମୀଣ ମଣ୍ଡଳର ଶ୍ରୀକାନ୍ତ ନାୟକ, ଶହୀଦ ମଣ୍ଡଳର ରାଜେନ୍ଦ୍ର ସାହୁ, ଧୂଷୁରୀ ମଣ୍ଡଳର ଅନିରୁଦ୍ଧ ସାହୁ, ସହରୀ ମଣ୍ଡଳର ପ୍ରଶାନ୍ତ ପରିଡ଼ା, କାନ୍ତକବି ମଣ୍ଡଳର ସରୋଜ ନାୟକ ଓ ଐଶନ୍ୟଚଣ୍ଡୀ ମଣ୍ଡଳର ସଭାପତି ଭାବେ ସାଇ ଶରଣ ବେହେରା ଚୟନ ହୋଇଛନ୍ତି। ରାଜ୍ୟରୁ ଆସିଥିବା ଭଦ୍ରକ ଜିଲା ନିର୍ବାଚନ ଦାୟିତ୍ୱରେ ଥିବା ଆଶୁତୋଷ ପରିଡ଼ା ନିର୍ବାଚିତ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ପ୍ରତ୍ୟେକ ମଣ୍ଡଳରୁ ୩ଜଣ ଲେଖାଏ ନାମ ଦିଆଯାଇଥିଲା। ଜିଲା କମିଟି ଚୟନ କରି ଶୁକ୍ରବାର ଧାମନଗର ଜଳସମ୍ପଦ ଡାକବଙ୍ଗଳାଠାରେ ୭ ମଣ୍ଡଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ନଗର ସଭାପତି କୈଳାଶ ମହାପାତ୍ର, ଏମ୍‌ପିଙ୍କ ନଗର ପ୍ରତିନିଧି ସରୋଜ କୁମାର ମହାପାତ୍ର, ବରିଷ୍ଠ ଭାଜପା ନେତା ଅରବିନ୍ଦ ପତି, ପୂର୍ବତନ ମଣ୍ଡଳ ସଭାପତି ଦୀପ୍ତିରଞ୍ଜନ ଜେନା, ଅଜୟ ବଳଙ୍କ ସମେତ ମଣ୍ଡଳସ୍ତରୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କୁ ଅଣଦେଖା, ଜିଲାପାଳଙ୍କଠାରେ ଫେରାଦ

**ତିହିଡ଼ି,୩।୧ (ସଞ୍ଜିତ ବଳ)**

### ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ତିହିଡ଼ି ବ୍ଲକ ପାଳିଆବିନ୍ଧା ପଞ୍ଚାୟତର ସରପଞ୍ଚଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଣଦେଖା କରୁଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଉ ନାହିଁ। ଅପରପକ୍ଷେ ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଲେ ପଞ୍ଚାୟତବାସୀଙ୍କ ନିକଟରେ ସରପଞ୍ଚଙ୍କୁ ଉତ୍ତରଦାୟୀ ହେବାକୁ ପଡୁଥିବା ସରପଞ୍ଚ ଯଶୋଦା ମଲ୍ଲିକ ଅଭିଯୋଗ କରିଛନ୍ତି। ଏନେଇ ସେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇ ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜଣାଇଛନ୍ତି।

ସରପଞ୍ଚ ମଲ୍ଲିକ ଦର୍ଶାଇଛନ୍ତି ଯେ,ପଞ୍ଚାୟତରେ ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। କାର୍ଯ୍ୟ ଆରମ୍ଭ ହେବା ଆଗରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଥବା ଠିକାଦାର ତାଙ୍କ ସହ ଯୋଗାଯୋଗ କରୁନାହାନ୍ତି। ଫଳରେ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ବିଷୟରେ ସେ ଜାଣିପାରୁ ନାହାନ୍ତି। ଅଧିକାଂଶ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ପଞ୍ଚାୟତବାସୀ ତାଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି। ମାତ୍ର ତାଙ୍କ ପାଖରେ କୌଣସି ତଥ୍ୟ ନ ଥିବାରୁ ସେ ଉତ୍ତର ଦେଇପାରୁନାହାନ୍ତି। ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ ମଧ୍ୟ ଉନ୍ନୟନମୂଳକ କାର୍ଯ୍ୟ ନେଇ ସରପଞ୍ଚଙ୍କୁ ଜଣାଇବା କିମ୍ବା ତଥ୍ୟ ଦେବା ନେଇ କୌଣସି ବିଧି ବ୍ୟବସ୍ଥା ନ ଥିବା କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ଏତାଦୃଶ ଅଣଦେଖା ନ୍ୟାୟସଙ୍ଗତ ନୁହେଁ ବୋଲି ସରପଞ୍ଚ ମଲ୍ଲିକ ଦର୍ଶାଇଛନ୍ତି। ଅଭିଯୋଗର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ ପ୍ରତିଶ୍ରୁତି ଦେଇଛନ୍ତି।

## ଦୂର ହେଲା ବିଦ୍ୟୁତ୍ କର୍ମଚାରୀଙ୍କ ଦରମା ଅସଙ୍ଗତି

**ଭଦ୍ରକ,୩।୧ (ସନାତନ ରାଉତ)**

ବିଦ୍ୟୁତ୍ କର୍ମଚାରୀମାନଙ୍କର ୯ବର୍ଷ ଧରି ଲାଗି ରହିଥିବା ଦରମା ଅସଙ୍ଗତି ଦୂର ହୋଇ ୧୧ତମ ମଜୁରି ନିର୍ଦ୍ଧାରଣ ହୋଇଛି ବୋଲି ଭଦ୍ରକ ବାଇପାସ୍‌ସ୍ଥିତ ପାୱାର ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଓ ଦାବି ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଦରମା ଅସଙ୍ଗତିକୁ ଦୂର କରିଥିବାରୁ ପାୱାର ହାଉସ କ୍ୟାମ୍ପସରେ ଗୁରୁବାର ସନ୍ଧ୍ୟାରେ ଖୁସି ମନାଇଥିଲେ କର୍ମଚାରୀ। କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟୁତ୍ କର୍ମଚାରୀ ଏକତା ମଞ୍ଚ ଓ ମହାସଂଘ ପ୍ରତିନିଧିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ୨୧ ହଜାର କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ଦରମାଗତ ଅସଙ୍ଗତି ରହିଥିଲା। ୨୦୧୫ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଗତ ଡିସେମ୍ବର ୨୪ ରେ ଏହି ଦାବି ପୂରଣ ହୋଇଛି ବୋଲି ସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ବାରିକ କହିଥିଲେ। ଏହି ସଂଗ୍ରାମରେ ଭଦ୍ରକରୁ ନେତୃତ୍ୱ ନେଇଥିବା ବସନ୍ତ ସାହୁ, ପାର୍ଥସାରଥୀ ସା, ସୁରେଶ ଜେନା, ପାର୍ଥସାରଥୀ ଭୂୟାଁ, କୁମାରେଶ ସାମଲ ପ୍ରମୁଖ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ସଂଘ ସଭାପତି ଯୋଗେଶ ଚନ୍ଦ୍ର ଅଗସ୍ତି କହିଥିଲେ, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କର୍ମଚାରୀମାନେ ୨୪ ଘଣ୍ଟା ଶ୍ରମ ଦେଉଛନ୍ତି। ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ନିବେଦନ କରିଥିଲେ। ମ୍ୟାନେଜମେଣ୍ଟଙ୍କୁ ଏକ ଦାବିପତ୍ର ଦେବାକୁ ସ୍ଥିର କରାଯାଇଛି। ଉପଦେଷ୍ଟା ଗୋଲକ ପ୍ରସାଦ ସାମଲ, ସୁଧୀର କୁମାର ଜେନା, ସଭାପତି ଶୁଭେନ୍ଦୁ ମୋହନ ବେହେରା, ସହସମ୍ପାଦକ ପ୍ରଭାକର ପ୍ରଧାନ, ବସନ୍ତ କୁମାର ମହାନ୍ତି, ସତ୍ୟବ୍ରତ ପଣ୍ଡା, ରାଜକିଶୋର ଖଟୁଆ, ଭାଗୀରଥି ସାହୁ, ପ୍ରଦୀପ ମହାପାତ୍ର, ଜିତେନ୍ଦ୍ର ଜେନା, ପଙ୍କଜ ପଣ୍ଡାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ,୩।୧ (ସନାତନ ରାଉତ)**


ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭଦ୍ରକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ୪ର୍ଥ ଶ୍ରେଣୀ କର୍ମଚାରୀ ସୁରେଶ ଚନ୍ଦ୍ର ତ୍ରିପାଠୀ ଗତ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଥିବା ବେଳେ ଶୁକ୍ରବାର ଜିଲା ସଂସ୍କୃତି ଭବନରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ବରେଣ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ପୂର୍ବତନ ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ଡିଆଇପିଆର୍‌ଓ ହରମୋହନ ଜେନା, ସାହିତ୍ୟିକ ରୂପକ ବିହାରୀ ରାୟ ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ କର୍ମଚାରୀ ସୁରେଶଙ୍କ କର୍ମନିଷ୍ଠା ଓ କାର୍ଯ୍ୟଶୈଳୀ ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରି ତାଙ୍କ କର୍ମ ଓ ଉତ୍ତମ ବ୍ୟବହାର ପାଇଁ ସେ ସୁପରିଚିତ ବୋଲି କହିଥିଲେ। ଗଣମାଧ୍ୟମ ପ୍ରତିନିଧି, ପ୍ରଗତି ପାଠକ ଚକ୍ରର କର୍ମକର୍ତ୍ତା ଓ ସଦସ୍ୟ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

**ତିହିଡ଼ି,୩।୧ (ସଞ୍ଜିତ ବଳ)**

ତିହିଡ଼ି ବ୍ଲକ ଅଧୀନ ତାଳପଦା ପଞ୍ଚାୟତ ବିଜେଡି ସଭାପତି ରମେଶ ଚନ୍ଦ୍ର ମହାପାତ୍ର(୭୫)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ସେ ଦୀର୍ଘଦିନ ଧରି ପଞ୍ଚାୟତର ବିଜେଡି ସଭାପତି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଶୁକ୍ରବାର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ନେତା ଡା. ସଞ୍ଜୟ କୁମାର ଦାସ, ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, ସରପଞ୍ଚ ଜୟଶ୍ରୀ ବେହେରା, ସମିତିସଭ୍ୟ ଚିନ୍ତାମଣି ଦାସ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର, କୃପାସିନ୍ଧୁ ଖୁଣ୍ଟିଆ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ବଡ଼ପୁଅ ସମୀର ମୁଖାଗ୍ନି ଦେଇଥିଲେ।

## ‘ମହୋତ୍ସବ ଜନଚେତନାର ସ୍ୱର, ସ୍ୱାକ୍ଷର’



ଆଗରପଡ଼ା ଯୁବ ମହୋତ୍ସବର ୯ମ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

**ଆଗରପଡ଼ା,୩।୧ (ସୁଶାନ୍ତ ଦାଶ)**

ଆଗରପଡ଼ା ହେମପଦ୍ମା ଗାଲାକ୍ସିଠାରେ ଚାଲିଥିବା ଯୁବ ମହୋତ୍ସବର ଗୁରୁବାର ଥିଲା ୯ମ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ମହୋତ୍ସବ ଜନଚେତନାର ସ୍ୱର ଓ ସ୍ୱାକ୍ଷର ବୋଲି କହିଥିଲେ। ମୁଖ୍ୟବକ୍ତା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ପ୍ରକାଶ ବିଶ୍ୱାଳ, ଉପଦେଷ୍ଟା ଜୈନୁଲ ଆବେଦିନ, କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଭାପତି ଇଂ. ଅମିୟ ରଞ୍ଜନ ରାମ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପୁହାଣ ଅତିଥି ପରିଚୟ ପ୍ରଦାନ ଓ ସଙ୍ଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରେରିତ ଢେଙ୍କାନାଳର ସୁପ୍ରସିଦ୍ଧ ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### କାଞ୍ଚିପାଣିରେ ପିକ୍ଅପ୍ ଓଲଟି ୧ ମୃତ, ୩ ଗୁରୁତର



କେନ୍ଦୁଝର,୩୧(ଦୀପକ ମିଶ୍ର): କେନ୍ଦୁଝର ଜିଲା ତେଲକୋଇ କାଞ୍ଚିପାଣି ପୂର୍ତ୍ତ ବିଭାଗ ରାସ୍ତାର କାଞ୍ଚିପାଣି ଘାଟିରେ ଏକ ପିକ୍ଅପ ଭ୍ୟାନ୍ ଓଲଟି ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ବିହାର ବାକା ଜିଲାର ସୋନୀ ଯାଦବ (୨୫)। ଗୁରୁତର ହେଲେ ଲଲାନ ଯାଦବ(୨୪), ନିଲେସ ଯାଦବ (୨୦) ଓ ସଙ୍କର କୌଲ (୪୫)। ଚାଳକ ସରଭିନ ଯାଦବ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ମୁତାବକ, ଏକ ପିକ୍ଅପ୍(ନଂ. ବିଆର୍ ୧୦ ଜିସି ୩୮୨୯)ରେ ୫ ଜଣ ବିହାରରୁ ବିଦ୍ୟୁତ୍ ସାମଗ୍ରୀ ବୋଝେଇ କରି ଅନୁଗୋଳ ଅଭିମୁଖେ ଯାଉଥିଲେ। ଗାଡ଼ି କାଞ୍ଚିପାଣି ଘାଟିର ଏକ ମୋଡ଼ରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ରାସ୍ତାରେ ଯାଉଥିବା ପଥଚାରୀ ଗୁରୁତରଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୨ ଗୁରୁତର ଲଲାନ ଓ ସୋନିଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୋନି ଯାଦବଙ୍କ ମୃତ୍ୟୁ ଘଟିଥିଲା। କାଞ୍ଚିପାଣି ପୋଲିସ ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

### ରାସ୍ତାକଡ଼କୁ ଖସିଲା ବାଇକ୍, ଜଣେ ମୃତ

ପାଟଣା,୩୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ହରିଡ଼ା ଗୋଠ ନିକଟରେ ଗୁରୁବାର ରାତିରେ ଏକ ବାଇକ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡ଼ିଛି। ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଉକ୍ତ ଗାଁର ଗୌର ପୂର୍ତ୍ତିଙ୍କ ପୁଅ ଲମ୍ବୋଦର ପୂର୍ତ୍ତି(୨୧)। ଗୁରୁତର ଦ୍ୱୟ ହେଲେ ଶମ୍ଭୁନାଥ କଣ୍ଟେଇ (୩୫), ନାବାଳିକା ଡଗି ମୁଣ୍ଡା (୧୧)। ସୂଚନା ଅନୁଯାୟୀ, ବାଇକ୍ରେ ୩ ଜଣ ମାଛଗଡ଼ ହାଟରୁ ଘରକୁ ଫେରୁଥିବା ସମୟରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଲମ୍ବୋଦରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୨/୨୫)ମାମଲା ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସାହରପଡା ଫାଣ୍ଡି ଏଏସ୍ଆଇ ପଞ୍ଚମୀ ମହାନ୍ତ କହିଛନ୍ତି।

# ନିଆଁରେ ଚାଲିଲେ ମାନସିକଧାରୀ

## ସୁନାମୁଖୀ ଠାକୁରାଣୀଙ୍କ ଓଷା

ପାଟଣା,୩୧(ବୀର କିଶୋର ଦାଶ)



ମାନସିକଧାରୀ ରଡ଼ ନିଆରେ ଚାଲୁଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ନାଏକ ସାହିରେ ଶୁକ୍ରବାର ସୁନାମୁଖୀ ଠାକୁରାଣୀ ପୀଠରେ ବାର୍ଷିକ ଠାକୁରାଣୀ ଓଷା ଉଦ୍ଯାପିତ ହୋଇଯାଇଛି। ସପ୍ତାହେ ବ୍ୟାପି ଓଷା ଚାଲିଥିଲା। ଦେହୁରୀ ରାମ ନାଏକ ଠାକୁରାଣୀଙ୍କ ନୀତି କାନ୍ତିରେ ପୂଜା ପାଠ କରିଥିବା ବେଳେ ରାଜନ ପଲେଇ ଗାହାଣି ଭାବେ ଠାକୁରାଣୀ ଗୀତ ବୋଲିଥିଲେ। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଓଷାରେ ସାମିଲ ହୋଇ ଠାକୁରାଣୀଙ୍କ ଆଶିଷ ନେଇଥିଲେ। ମାନସିକଧାରୀ କାଳିସୀଙ୍କୁ ମିଠା ଖୁଆଇ ଥିଲେ। ପରେ ମାନସିକଧାରୀମାନେ କଣ୍ଟା କଠଉ ପିନ୍ଧି ଚାଲିବା, କଣ୍ଟା ପିଢ଼ାରେ ବସିବା, ଚାବୁକ ପ୍ରହାର ଖାଇବା ସହ ରଡ଼ ନିଆଁରେ ଚାଲିଥିଲେ। ଅଗ୍ନି କୁଆଁରୀଭାବେ ବିଚିତ୍ର ନାଏକ, କାଳିସୀଭାବେ କନ୍ଦର୍ପ ନାଏକ, ଦିନବନ୍ଧୁ ନାଏକ, ଫକୀର ନାଏକ, ତିରୁ ନାଏକ, ନବ ନାଏକ, ବୁଢ଼ା ନାଏକ, ସେହେନସା ନାଏକ, ପ୍ରଶାନ୍ତ ନାଏକ, ଟୁରୁ ନାଏକ, ଦେଶୁଆ ନାଏକ, ଝୁଗୁଡୁ ନାଏକ, ରଙ୍ଗା ନାଏକ, ଫୁନ୍ଟୁ ନାଏକ, ଶ୍ରୀକାନ୍ତ ମହାରଣା ପ୍ରମୁଖ ଅଲୌକିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। କ୍ଷେତ୍ରବାସୀ ନାଏକ, କୈଳାଶ ନାଏକ, ରାଜେନ୍ଦ୍ର ନାଏକ, ଦାମଦୋର ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଘରକୁ ଘର ଗାଁ ଦାଣ୍ଡରେ ଠାକୁରାଣୀକୁ ବୁଲାଇ ମୁଆଁ, ପଣା ଓ ବିଭିନ୍ନ ଫଳ ଭୋଗଦେଇ ଗାଁ ମୁଣ୍ଡ ନାଳରେ ଠାକୁରାଣୀଙ୍କୁ ବିସର୍ଜନ କରାଯାଇଥିଲା।

# ୮୮ ବିଦ୍ୟାଳୟର ୧୨୫୦ ପ୍ରତିଯୋଗୀଙ୍କ ଯୋଗଦାନ



ପ୍ରତିଯୋଗିତାରେ ଭାଗ ଦେଇଥିବା କ୍ରୀଡ଼ାବିତ୍‌ମାନେ।

## ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

କେନ୍ଦୁଝର,୩୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ସଦର ବ୍ଲକ୍ ରାଙ୍କିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଖେଳପଡ଼ିଆରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ସମୂହର କ୍ରୀଡ଼ା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୨ ଦିନ ବ୍ୟାପି ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟ୍‌ବଲ, ଖୋଖୋ, ୧୦୦ ମିଟର ଦୌଡ଼, ୨୦୦ମିଟର ଦୌଡ଼, ୪୦୦ମିଟର ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ ଥ୍ରୋ, ଡିସ୍କସ୍ ଥ୍ରୋ, ଜାଭେଲିନ ଥ୍ରୋ, ରିଲେ ରେସ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୫୨ ଆଶ୍ରମ ବିଦ୍ୟାଳୟ, ୩୧ ଉଚ୍ଚ ବିଦ୍ୟାଳୟ ଏବଂ ୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୧୨୫୦ ପ୍ରତିଯୋଗୀ ଓ ୪୦ ଜଣ କ୍ରୀଡ଼ା ଶିକ୍ଷକ ଯୋଗଦେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସୌମ୍ୟସାର୍ଥକ ମିଶ୍ର, ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଯୋଗଦେଇ କେନ୍ଦୁଝର ଜିଲାର କ୍ରୀଡ଼ାବିତ୍‌ଙ୍କ ରାଜ୍ୟ ଓ ଆନ୍ତର୍ଜାତୀୟସ୍ତରରେ ସୁନାମ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ମଣ୍ଡଳ ଶିକ୍ଷା ମଣ୍ଡଳାଧିଶ ସଞ୍ଜିତା ବେହେରା, ଜିଲା ଶିକ୍ଷା ନୀରିକ୍ଷକ ସଞ୍ଜୟ ଧଳ, ଜିଲାମଙ୍ଗଳ ଅଧିକାରୀ ପ୍ରବୀର ଦେଓ ପିତାମାତା ପିଲାଙ୍କ ପାଠପଢ଼ା ସହ ଖେଳପ୍ରତି ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ଆଇଚ, ରାଇଡ଼ିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାୟକ, ଜଗମୋହନପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣାଞ୍ଜନ ଆଚାର୍ଯ୍ୟ, ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଶତପଥି, ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ନନ୍ଦ, ଖଜୁରୀବାଣି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ, ମାଟକାମବେଡ଼ା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିନୋଦ ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ।

## ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର,୩୧(ନରେଶ ଚନ୍ଦ୍ର ପଟ୍ଟନାୟକ): ଜାତୀୟ ସଡକ ସୁରକ୍ଷା ସଚେତନତା ମାସ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଶୁକ୍ରବାର ଓଏସ୍ଆରଟିସି ପରିସରରେ ଡ୍ରାଇଭରଙ୍କ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୦ରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁରେ କିଛି ସମସ୍ୟା ପରିଲକ୍ଷିତ ହୋଇଥିବା ଡ୍ରାଇଭରଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯିବ। ଏଥିସହ ଜିଲା ରକ୍ତଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀଙ୍କ ସମେତ ଅନ୍ୟମାନେ ରକ୍ତଦାନ କରିଥିଲେ। ଏଥିରେ ୪୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହା ବ୍ୟତିତ ଆନନ୍ଦପୁର, ଘଟଗାଁ, ହାଟଡ଼ିହୀ, ଘଷିପୁରାରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଇଛି। କେନ୍ଦୁଝର ଡିଏନ ହାଇସ୍କୁଲରେ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ସ୍ଲୋଗାନ ଏବଂ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଗାଡ଼ିରେ ଓଭରଲୋଡିଂ ନ ନେବା, ଅଧିକ ବେଗରେ ଗାଡି ନ ଚଳାଇବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ମାଲବାହୀ ଗାଡ଼ିରେ ଯାତ୍ରୀ ନେବା ଆଣିବା ନ କରିବା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ନ ଚଳେଇବା, ୨ ଚକିଆ ଯାନ ଚଳାଇବାବେଳେ ସର୍ବଦା ହେଲମେଟ୍ ବ୍ୟବହାର କରିବା, ଚାରିଚକିଆ ଯାନ ଚଳାଇବାବେଳେ ସିଟ୍‌ବେଲ୍ଟ ବ୍ୟବହାର କରିବା, ଗାଡ଼ି ଚଳାଇବାବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, ନିର୍ଦ୍ଧାରିତ ରାସ୍ତାରେ ଗାଡି ଚଳାଇବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପଥପ୍ରାନ୍ତ ନାଟକ ଦ୍ୱାରା ସଚେତନ କରାଯାଉଛି ବୋଲି ଆଂଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ କହିଛନ୍ତି ।

# ଜମିହରାଙ୍କ ୧୫ ଦଫା ସମ୍ବଳିତ ଦାବିପତ୍ର



ଜମିହରା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଉପ ଜିଲାପାଳଙ୍କ ଆଲୋଚନା।

## ଜମିହରା, ଜିନ୍ଦଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା

ଚମ୍ପୁଆ,୩୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରେ ଥିବା ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍ ଓ ଜମିହରାଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏ ନେଇ ଶୁକ୍ରବାର ଜମିହରା ଉପ ଜିଲାପାଳଙ୍କୁ ଭେଟି ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବିବାଦର ସମାଧାନ ପାଇଁ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ କାର୍ଯ୍ୟାଳୟରେ ଜମିହରା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଦାବିଗୁଡ଼ିକୁ ନେଇ ଉପ ଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା।

ଦାବି ମଧ୍ୟରେ ୧୮ ବର୍ଷ ହୋଇଥିବା ଯୁବତୀ, ଯୁବକଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ସ୍ଥାୟୀ ନିଯୁକ୍ତି, ଅବସରପ୍ରାପ୍ତ କର୍ମଚାରୀଙ୍କ ପିଲାଙ୍କୁ ଚାକିରି, ଯେଉଁ ଠିକା ଚାକିରି କରୁଥିବା ଜମିହରାଙ୍କୁ ସ୍ଥାୟୀ କରିବା, କୌଣସି କାରଣ ନ ଥାଇ କମ୍ପାନୀର ବହିସ୍କୃତ ସ୍ଥାନୀୟ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଲିଜ୍‌ରେ ଯୋଗାଇଥିବା ଜାଗାର ସ୍ଥାୟୀ ପଟ୍ଟା, ଜମିହରାଙ୍କ ପିଲାଙ୍କ ପାଠପଢ଼ା ପାଇଁ କମ୍ପାନୀ ଖର୍ଚ୍ଚ ବହନ ସହିତ ପ୍ରତ୍ୟେକ ବର୍ଷ ୫୦ ପିଲାଙ୍କୁ ବିଦ୍ୟାଳୟ ପ୍ରବେଶର ବ୍ୟବସ୍ଥା, ଦେଓଝରରେ କମ୍ପାନୀ ପକ୍ଷରୁ ନିର୍ମିତ ଡିସ୍‌ପେନ୍‌ସାରୀରେ ଔଷଧ ବ୍ୟବସ୍ଥା, ଗୃହ ନିର୍ମାଣ ନିମନ୍ତେ ଅର୍ଥ ପ୍ରଦାନ, କମ୍ପାନୀ ପକ୍ଷରୁ ନିର୍ମିତ କଲୋନୀରେ ପାଣି, ବିଜୁଳି ଓ ରାସ୍ତାର ବ୍ୟବସ୍ଥା, ଖେଳ ପଡ଼ିଆ ନିର୍ମାଣ, ୬୦ ବର୍ଷରୁ ଉର୍ଦ୍ଧ୍ୱ ଅକ୍ଷମ ବ୍ୟକ୍ତିଙ୍କୁ ମାସିକ ୧୦ ହଜାର ଟଙ୍କା ବ୍ୟବସ୍ଥା ଏବଂ କୌଣସି ନିଯୁକ୍ତିରେ ଜମିହରାଙ୍କୁ ଅଗ୍ରାଧିକାର ଭିତ୍ତିରେ ଗ୍ରାମବାସୀଙ୍କୁ ଚାକିରି, ଗ୍ରାମରେ ଆମ୍ବୁଲାନ୍ସ ଓ ମେଡିକାଲ ଖର୍ଚ୍ଚ ବହନ ଓ ଗ୍ରାମଗୁଡ଼ିକରେ ପାଣି, ରାସ୍ତାଘାଟ, ବିଜୁଳି, ଚିକିତ୍ସା ଏବଂ କଲ୍ୟାଣ ମଣ୍ଡପ ଓ କ୍ଲବ୍ ଗୃହ ନିର୍ମାଣ ସହିତ ମହିଳାଙ୍କ ଉନ୍ନତି ନିମନ୍ତେ ଆର୍ଥିକ ସହାୟତା ଦାବି କରିଥିଲେ। ଏ ନେଇ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ହୋଇ ଆଗାମୀ ଦିନରେ ଅନ୍ୟ ଏକ ବୈଠକ ଡକାଯିବ ବୋଲି ଉପ ଜିଲାପାଳ ସୂଚନା ଦେଇଥିଲେ। କମ୍ପାନୀ ପକ୍ଷରୁ ଏଚ୍ଆର ମୁଖ୍ୟ ଆଶିଷ ମହାନ୍ତି କହିଛନ୍ତି, ଉପ ଜିଲାପାଳ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଅନ୍ୟ ଏକ ବୈଠକ କରାଯିବ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମୃତକଙ୍କ ପରିବାର

## ଗାଡ଼ି ମାଲିକଙ୍କୁ ବଞ୍ଚାଇବାକୁ ପୋଲିସର ଉଦ୍ୟମ

କେନ୍ଦୁଝର,୩୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକଙ୍କୁ ବଞ୍ଚାଇବାକୁ କେନ୍ଦୁଝର ସଦର ଥାନା ଅଧୀନସ୍ଥ ଶୁଆକାଟି ଫାଣ୍ଡି ପୋଲିସ ଉଦ୍ୟମ କରୁଛି। ଗାଡ଼ି ମାଲିକଙ୍କୁ ବଞ୍ଚାଇବାକୁ ଭୁଲ ଏତଲା ଲେଖିବାକୁ କୁହାଯାଉଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଭାଇ କମ୍ପାନୀ ପ୍ରଧାନ ଏସ୍‌ପି ନୀତିନ କୁଶଲକରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ରାଇଗୋଡ଼ା ଗ୍ରାମର ଦିଲୀପ ପ୍ରଧାନ ଓ ତାଙ୍କର ସାଙ୍ଗ ଭାସ୍କର ପ୍ରଧାନ ଏକ ବାଇକ (ଓଡି ୦୯ ଆର/୩୬୪୯)ରେ କେନ୍ଦୁଝରକୁ ମେଡିଶିନ କିଣିବାକୁ ଆସିଥିଲେ। ଡଙ୍ଗାପାଣି ନିକଟରେ ଏନ୍ଏଚ ୪୯ରେ ନୟାକୋଟରୁ କେନ୍ଦୁଝର ଆସୁଥିବା ଓମଶୁଭମ ବସ୍ ରାସ୍ତାରେ ଯାତ୍ରୀ ଓହ୍ଲାଇବାକୁ ହଠାତ୍ ଅଟକାଇଦେଇଥିଲା। ଫଳରେ ପଛରେ ବାଇକଟି ପିଟି ହୋଇଥିଲା। ଘଟଣାସ୍ଥଳରେ ଦିଲୀପ ମୃତ୍ୟୁବରଣ କରିଥିଲେ। ଘଟଣାରେ ଫାଣ୍ଡି ଅଧିକାରୀ ସୁରି ନାରାୟଣ ପାତ୍ର ପୂର୍ବରୁ ଲେଖା ହୋଇଥିବା ଏକ କାଗଜ ଦେଇ ସେଭଳି ଏତଲା ଲେଖିବାକୁ ବାଧ କରିଥିଲେ। ସେ ସମୟରେ ମାନସିକସ୍ଥିତି ଭଲ ନ ଥିବାରୁ କିଛି ନ ବୁଝି ଲେଖି ଦେଇଥିଲେ। ପରେ ଦୁର୍ଘଟଣା ବିଷୟରେ ସବୁ ଜାଣିବା ପରେ ଫାଣ୍ଡିରେ କହିବାରୁ ପୋଲିସ ଧମକ ଦେଇଥିଲା। ତମେ ଲେଖିଥିବା ଏତଲା ଅନୁଯାୟୀ କେସ୍ ପ୍ରକ୍ରିୟା ହେବ ବୋଲି କହି ପଠାଇଦେଇଥିଲା ବୋଲି ଅଭିଯୋଗକାରୀ କହିଛନ୍ତି। ପରେ ବସ୍‌ର କିଛି ଭୁଲ ନାହିଁ ବୋଲି କହି ପୋଲିସ ଗାଡ଼ିମାଲିକଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ଘଟଣାସ୍ଥଳରୁ ବସ୍‌ଟିକୁ ଛାଡ଼ିଦେଇଥିଲା। ବାରମ୍ବାର ନିବେଦନ କରିଥିଲେ ହେଁ ପୋଲିସ ଶୁଣି ନ ଥିଲା। ନ୍ୟାୟ ନ ମିଳିବାରୁ ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରି ଠିକ୍ ତଦନ୍ତ କରିବାକୁ ନିବେଦନ କରିଛି। ତାଙ୍କୁ ନ୍ୟାୟ ମିଳିବ ବୋଲି ଏସ୍‌ପି ଅଫିସ ପକ୍ଷରୁ କୁହାଯାଇଥିବା କମ୍ପାନୀ କହିଛନ୍ତି। ଶୁଆକାଟି ଫାଣ୍ଡି ଅଧିକାରୀ ସୁରି ନାରାୟଣ ପାତ୍ର କହିଛନ୍ତି, ସେଭଳି କୌଣସି କାଗଜ ଦେଇ ଏତଲା ଲେଖିବାକୁ କହିନାହାନ୍ତି। ଅଭିଯୋଗକାରୀ ନିଜେ ଲେଖିଛନ୍ତି ଏବଂ ଏତଲା ଅନୁଯାୟୀ ପଦକ୍ଷେପ ନିଆଯାଉଛି।

## ଜମ୍ବୀରା ପଞ୍ଚାୟତ

# ବିଳମ୍ବ ହେଉଛି ନାଏବ ସରପଞ୍ଚ ନିର୍ବାଚନ

ଛେନାପଦି,୩୧(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଜମ୍ବୀରା ପଞ୍ଚାୟତର ନାଏବ ସରପଞ୍ଚଙ୍କ ମୃତ୍ୟୁକୁ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ବାଚନ୍ ହେଉନାହିଁ। ଫଳରେ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଜମ୍ବୀରା ପଞ୍ଚାୟତର ୫ ନଂ. ୱାର୍ଡ ସଭ୍ୟା ସୁନୀତା ମିଶ୍ର ଉକ୍ତ ପଞ୍ଚାୟତରେ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଅସୁସ୍ଥ ହୋଇ ଗତ ୨୧ ଡିସେମ୍ବର ୨୦୨୨ରେ ମୃତ୍ୟୁବରଣ କରିଥିଲେ। ଏ ନେଇ ବିଭାଗ ପକ୍ଷରୁ ରିପୋର୍ଟ ଦିଆଯିବା ପରେ ଏହି ୱାର୍ଡର ୱାର୍ଡ ସଭ୍ୟ ନିର୍ବାଚନ୍ ମଧ୍ୟ ହୋଇସାରିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ନାଏବ ସରପଞ୍ଚ ନିର୍ବାଚନ୍ ହୋଇପାରିନାହିଁ। ଏ ନେଇ କିଛି ପଞ୍ଚାୟତବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସୁଲୋଚନା ମହାନ୍ତି, ଶୁକଦେବ ନାୟକ, ପ୍ରଣତୀ ଜେନା, ସୁକୁମାର ଜେନା ପ୍ରମୁଖ ଦାବି କରିଛନ୍ତି।

## କାରୁବାକୀ ଫରେଷ୍ଟ ପାର୍କରେ ଜମୁଛି ବଣଭୋଜି



'କାରୁବାକୀ ଫରେଷ୍ଟ ପାର୍କ' ଦେଇ ଯାଇଥିବା କାରୋନଦୀ।

ବଡବିଲ,୩୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲାରେ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟକ କ୍ଷେତ୍ର ରହିଛି। ସେଥି ମଧ୍ୟରୁ ଅନେକ ନଦୀକୂଳ, ଜଳପ୍ରପାତ ଓ ଡ୍ୟାମ୍ ଲୁକ୍କାୟିତ ଅବସ୍ଥାରେ ରହିଯାଉଛି। ସେଥି ମଧ୍ୟରୁ ବଡବିଲ ପୌରାଞ୍ଚଳର ଉପକଣ୍ଠରେ ଆକର୍ଷଣୀୟ 'କାରୁବାକୀ ଫରେଷ୍ଟ ପାର୍କ' ଅନ୍ୟତମ। ଏଠାରେ ଏବେ ଭୋଜିର ଆସର ଜମୁଛି।

ପ୍ରକାଶ ଯେ, କରୋ ସଂରକ୍ଷିତ ଜଙ୍ଗଲର କାରୋନଦୀ କୂଳରେ ପିକ୍‌ନିକ ସ୍ପଟ୍ ରହିଛି। ବଡ଼ବିଲ ତଥା ଆଖପାଖ ଅଞ୍ଚଳରୁ ଲୋକେ ଏଠାରେ ବଣଭୋଜି କରି ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରୁଛନ୍ତି। ବଡ଼ବିଲ ପୁରୁଣା ବସଷ୍ଟାଣ୍ଡଠାରୁ ମାତ୍ର ୩ କିଲୋମିଟର ଓ ବଡବିଲ ରେଳ ଷ୍ଟେଶନଠାରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଏହି କାରୋନଦୀ କୂଳ 'କାରୁବାକୀ ଫରେଷ୍ଟ ପାର୍କ'କୁ ଯିବାକୁ ଟ୍ୟାକ୍ସି, ଅଟୋ ଆଦିର ସୁବିଧା ମଧ୍ୟ ରହିଛି। ପିଏଚ୍‌ଡିସ୍ଥିତ ଇଣ୍ଡୋର ଷ୍ଟାଡ଼ିୟମ ପାଖ ଦେଇ ସାନ୍ତବାହାଲ ଗ୍ରାମ ଅତିକ୍ରମ କଲେ ପିକନିକ୍ ସ୍ପଟ ପଡ଼ିବ। ନଦୀକୂଳ ପୂର୍ବରୁ ରହିଛି ଦେବଦେବ ମହାଦେବଙ୍କ ସଣ୍ଟେଶ୍ୱରଙ୍କ ମନ୍ଦିର। କୁଳୁକୁଳୁ ନାଦ କରି ନଦୀଟି ଝାଡ଼ଖଣ୍ଡ ରାଜ୍ୟକୁ ବୋହି ଯାଇଛି। ପୌରପାଳିକା ପକ୍ଷରୁ ଭୋଜି ମଣ୍ଡପ, ସ୍ଥାନେସ୍ଥାନେ କଂକ୍ରିଟ ଚୌକି ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲେ ହେଁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଏତଦ୍ ବ୍ୟତୀତ କଂକ୍ରିଟ ଚୌକିଗୁଡ଼ିକୁ ଅସାମାଜିକ ଭାଙ୍ଗି ଦେଇଛନ୍ତି। ଆବଶ୍ୟକ ଭୋଜି ମଣ୍ଡପ ଓ ସଫେଇ ଅଭାବରୁ ନଦୀକୂଳରେ ଭୋଜି କରିବାକୁ ଯାଉଥିବା ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ନେଇ ପୌରପାଳିକା ଓ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହୋଇଛି।

# ରାସ୍ତା ପାଇଁ ବିପଦରେ ଐତିହ୍ୟସ୍ଥଳ

- ଦଧିବାମନ ଜୀଉ ମନ୍ଦିର ପାଚେରି, ହସ୍ତୀଦ୍ୱାର ଭାଙ୍ଗିଯିବ
- ଜିଲାପାଳଙ୍କୁ ଆଇନଜୀବୀଙ୍କ ଦାବିପତ୍ର

ଆନନ୍ଦପୁର,୩୧(ସୁଶାନ୍ତ କୁମାର ସାହୁ)



କେନ୍ଦୁଝର ଜିଲାର ଆନନ୍ଦପୁରର ଐତିହ୍ୟ ସମ୍ପନ୍ନ ଦଧିବାମନ ଜୀଉ ମନ୍ଦିର ପାଚେରି ଓ ହସ୍ତୀଦ୍ୱାର ବିପଦରେ ପଡ଼ିଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ଉଭୟ ପ୍ରାଚୀର ଓ ହାସ୍ତୀଦ୍ୱାର ଭାଙ୍ଗିପାରେ ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଘଟଣାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟର ଆଇନଜୀବୀ ସୌନକ ସୀତିମୟ ଦାସ ଅଭିଯୋଗ ଉପସ୍ଥାପନ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦଧିବାମନ ଜୀଉ ମନ୍ଦିର ଆନନ୍ଦପୁର ତଥା ଓଡ଼ିଶାର ହିନ୍ଦୁ ସନାତନ ଧର୍ମର ଆଧ୍ୟାତ୍ମିକ ଭାବନା ସହ ଜଡ଼ିତ। ଏହା ରାଜା ଗୋପୀନାଥ ଭଞ୍ଜଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ତେଣୁ ମନ୍ଦିରର କୌଣସି ପାର୍ଶ୍ୱକୁ ନଷ୍ଟ ନ କରିବାକୁ ସେ ମତ ରଖିଛନ୍ତି।

ସୂଚନାଯୋଗ୍ୟ, ଦଧିବାମନ ଜୀଉ ମନ୍ଦିରର ଉତ୍ତର ପାର୍ଶ୍ୱ ହସ୍ତୀଦ୍ୱାରକୁ ଲାଗି ୫୩ ନଂ. ଭଦ୍ରକ-କରଞ୍ଜିଆ ରାଜ୍ୟ ରାଜପଥ ରହିଛି। ସହରର ଜନସଂଖ୍ୟା ଓ ବସତିର ପ୍ରଭାବରେ ମନ୍ଦିର ପାର୍ଶ୍ୱସ୍ଥ ରାଜପଥ ସଂକୀର୍ଣ୍ଣ ହୋଇଯାଇଛି। ବହୁ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟିହେବା ସହ ଦୁର୍ଘଟଣା ଘଟୁଛି। ଏ ନେଇ ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ୨୫ ନଭେମ୍ବର ୨୦୨୪ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଦାବି କରାଯାଇଥିଲା। ଜିଲାପାଳ ପୂର୍ତ୍ତ ବିଭାଗ ଅଧିକାରୀ ଘଟଗାଁ ଡିଭିଜନକୁ ଏହାର ତଦନ୍ତ ଆଦେଶ କରିଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ତାଙ୍କ ପତ୍ରାଙ୍କ ସଂଖ୍ୟା ୮୯୭୧/୧୩ ଡିସେମ୍ବର ୨୦୨୪ରେ ଆନନ୍ଦପୁରର ବରିଷ୍ଠ ନାଗରିକଙ୍କ ରାସ୍ତା ପ୍ରଶସ୍ତୀକରଣ ପାଇଁ ଅନୁରୋଧର ଦରଖାସ୍ତକୁ ସହକାରୀ ଜିଲାପାଳ, କେନ୍ଦୁଝରଙ୍କୁ ପ୍ରଦାନ କରିଥିଲେ। ସେଥିରେ ଦଧିବାମନ ଜୀଉଙ୍କ ଦେବୋତ୍ତର ଖାତା ନଂ. ୮୮୨/୭୩୩ର ପ୍ଲଟ୍ ନଂ. ୪୯୩୬ ଅନ୍ତର୍ଗତ ୧୦ ଡିସିମିଲରୁ ୨.୫ ଡିସିମିଲ ଜମି ଅନଧିକୃତ ହୋଇଥିବାରୁ ରାସ୍ତା ପ୍ରଶସ୍ତୀକରଣ ହୋଇପାରି ନ ଥିବା ଦର୍ଶାଇଥିଲେ। ଏପରିକି ୭ ମେ' ୨୦୧୮ ଦେବୋତ୍ତର କମିଶନର, ଓଡ଼ିଶାଙ୍କ ଆଦେଶପତ୍ର ଅନୁଯାୟୀ ଏବଂ ୯ ସେପ୍ଟେମ୍ବର ୨୦୧୯ର ଆଇନ ବିଭାଗର ରାୟର ନିଶ୍ଚିତକରଣ ପରେ ଜମି ଅଧିଗ୍ରହଣ ପାଇଁ ପୂର୍ତ୍ତ ବିଭାଗ ଘଟଗାଁ ଡିଭିଜନ ପକ୍ଷରୁ ୧୦ଲକ୍ଷ ଟଙ୍କାର ବ୍ୟାଙ୍କ ଅଫ୍ ଇଣ୍ଡିଆ, ଟିଟି ଶାଖା ଘଟଗାଁର ଏକ ଚେକ୍ ଉପଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆନନ୍ଦପୁର ଦେବୋତ୍ତର ବିଭାଗ ନିକଟରେ ଜମା ଦେଇଥିଲେ। ଏପରିକି ରାସ୍ତା ପ୍ରଶସ୍ତୀକରଣ ପାଇଁ ତ୍ୱରିତ ପଦକ୍ଷେପ ସ୍ୱରୂପ ଜମି ଅଧିଗ୍ରହଣ ନିମନ୍ତେ ଏକ ଆକ୍ସନ୍ ଟେକେନ୍ ରିପୋର୍ଟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ପ୍ରଦାନ କରାଯାଇଥିଲା। ଏହି କ୍ରମରେ ମନ୍ଦିରର ଆୟ ବୃଦ୍ଧିରେ ସହଯୋଗ କରୁଥିବା ବେଢ଼ା ପରିସରକୁ ଲାଗି ରହିଥିବା ଦୋକାନଗୃହକୁ ଉଚ୍ଛେଦ ପାଇଁ ଉପ ଜିଲାପାଳ ଦୋକାନ ନିଲାମକାରୀଙ୍କୁ ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଦୋକାନ ଗୃହ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ।

ଏହାକୁ ନେଇ ଆଇନଜୀବୀ ଦାସ ପ୍ରଶ୍ନ ଉଠାଇ ଦେବସ୍ଥଳୀ ଧାରା ୪(୧) ପୂଜା ଉପାସନାର ଅଧିନିୟମ ୧୯୯୧ ଆଧାରରେ ମନ୍ଦିର ଦେବସ୍ଥଳୀ ସଂରଚନାର ଧାର୍ମିକ ପ୍ରକୃତିର ଆଂଶିକ ବା ସମ୍ପୂର୍ଣ୍ଣ ଭାବେ ଏହାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ। ଉପ ଜିଲାପାଳ ତଥା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଆନନ୍ଦପୁର ଦେବୋତ୍ତର ବିଭାଗ ମନ୍ଦିର ଜମିକୁ ହସ୍ତାନ୍ତର କରିବା ପାଇଁ କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ମନ୍ଦିରର ୫୦୦ ମି. ଦୂରରେ ଏକ ବିକଳ୍ପ ରାସ୍ତା ଭାବେ ରିଂଗ୍ ରୋଡ୍‌ର ସତ୍ୟତାକୁ କମିଶନରଙ୍କ ନିକଟରେ ଗୋପନ ରଖିବା, ମନ୍ଦିରର ଆୟବ୍ୟୟକୁ ନେଇ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଇଛି। ଏଥିସହ ମନ୍ଦିରର ସମୃଦ୍ଧ ସାଂସ୍କୃତିକ ଓ ଧାର୍ମିକ ଭାବନା କମିଶନରଙ୍କ ଜ୍ଞାତସାରକୁ ନ ଆଣିବା, ମନ୍ଦିର ଜମି ବିକ୍ରୟ ପାଇଁ ମନ୍ଦିର କମିଟିର ରିଜୋଲ୍ୟୁଶନ ପାରିତ ନ କରିବା, ଧାରା ୧୯ର ଓଡ଼ିଶା ହିନ୍ଦୁ ରିଲିଜିଅସ୍ ଏଣ୍ଡାଓମେଣ୍ଟ ଆକ୍ଟ ୧୯୫୧ ଅନୁଯାୟୀ ଉପଜିଲାପାଳ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଥିଲେ କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଉପ ଜିଲାପାଳ ଫାଲଗୁନୀ ମାଝୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନ ଥିବାରୁ ମତାମତ ମିଳିପାରିନାହିଁ।

# ୧୮୦ରୁ ୮ମଣ୍ଡିରେ ଧାନ କିଣା

**ବାଲେଶ୍ୱର**

- ୪୨ ଚାଷୀଙ୍କଠାରୁ କିଣା ହୋଇଛି ୧୧୯୪ କ୍ୱିଣ୍ଟାଲ
- ପଞ୍ଜୀକୃତ ହୋଇଛନ୍ତି ୧ଲକ୍ଷ ୨ହଜାର ୪୪୬ଜଣ ଚାଷୀ

ବାଲେଶ୍ୱର, ୩।୧ (ବାଞ୍ଛାନିଧି ଦେ)


ମଣ୍ଡିରୁ ଧାନ କିଣା ହେଉଛି।

ବାଲେଶ୍ୱର ଜିଲାରେ ଡିସେମ୍ବର ୨୭ ତାରିଖରୁ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଘୋଷଣା ହୋଇଥିଲା। ଏଥିପାଇଁ ଜିଲା ଯୋଗାଣ ଓ ସମବାୟ ବିଭାଗ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ସରିଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀ ମିଲରମାନଙ୍କୁ ନେଇ ଡିସେମ୍ବର ୨୧ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଡିସେମ୍ବର ୨୨ରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାଲେଶ୍ୱର ଗସ୍ତରେ ଆସି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ୨୭ରୁ ଜିଲାରେ ୧୮୦ଟି ଧାନକ୍ରୟ କେନ୍ଦ୍ରରୁ ଧାନ ସଂଗ୍ରହ ନିମନ୍ତେ ସମସ୍ତ ପ୍ରକ୍ରିୟା ସୁବ୍ୟବସ୍ଥିତ ଥିବା ସମ୍ପର୍କରେ ଅବଗତ ହୋଇଥିଲେ। ହେଲେ ୨୭ରେ ୨ଟି ଓ ଜାନୁଆରୀ ୩ରେ ୬ଟି କେନ୍ଦ୍ରରେ ଧାନ କ୍ରୟ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଯାବତ୍ ଅବଶିଷ୍ଟ ୧୭୨ଟି କେନ୍ଦ୍ରରେ ଧାନକିଣା ଆରମ୍ଭ ହୋଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ବ୍ଲକର କେତେକ ମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ଧାନ କ୍ରୟ ହୋଇନାହିଁ। ପ୍ରଥମ ପର୍ଯ୍ୟାୟରେ ୧୮ଲକ୍ଷ ୫୭ହଜାର ୧୪୭ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ରହିଛି।

ସୂଚନା ଯେ, ଜିଲା ଅଧୀନ ୧୪୧ଟି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ୧୭୦ଟି କେନ୍ଦ୍ର, ସ୍ୱୟଂସହାୟକ ଗୋଷ୍ଠୀଙ୍କର ୮ଟି ଓ ଲ୍ୟାମ୍ପସ୍ ପକ୍ଷରୁ ୨ଟି ମିଶି ମୋଟ୍ ୧୮୦ଟି କେନ୍ଦ୍ରରେ ଚାଷୀ ଧାନ ବିକ୍ରୟ କରିବେ। ସରକାରଙ୍କ ବର୍ଦ୍ଧିତ ମୂଲ୍ୟ ଅନୁଯାୟୀ ଧାନ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୨୩ଶହ ଟଙ୍କା ସହିତ ୮ଶହ ଟଙ୍କାର ଇନପୁଟ୍ ସହାୟତା ଚାଷୀଙ୍କୁ ମିଳିବ। ସେଥିପାଇଁ ଏଫ୍ଏକ୍ୟୁ ମାନର ଧାନ ସଂଗ୍ରହ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ୨୫ଜଣ ମିଲର୍ କଷ୍ଟମ ମିଲିଂ ପାଇଁ ଚୁକ୍ତି କରିଛନ୍ତି। ଜିଲାରେ ଚଳିତବର୍ଷ ୧ଲକ୍ଷ ୨ହଜାର ୪୬୪ଜଣ ଚାଷୀ ଅନଲାଇନ୍‌ରେ ପଞ୍ଜିକରଣ କରିଥିବା ବେଳେ ସେଥିରୁ ୧୮ଜଣ ତାଲିକାରୁ ବାଦ୍ ପଡ଼ିବା ପରେ ମୋଟ୍ ୧ଲକ୍ଷ ୨ହଜାର ୪୪୬ଜଣ ଚାଷୀ ଧାନ ବିକ୍ରି ପାଇଁ ଚୟନ ହୋଇଛନ୍ତି। ବାହାନଗା ବ୍ଲକରେ ୮୭୨୩, ବାଲିଆପାଳରେ ୭୭୬୪, ବସ୍ତାରେ ୭୪୪୪, ଭୋଗରାଇରେ ୯୪୦୬, ଜଳେଶ୍ୱରରେ ୭୯୩୨, ଖଇରାରେ ୧୩୮୦୯, ରେମୁଣାରେ ୭୬୫୪, ସଦରରେ ୧୦୦୪୨, ସିମୁଳିଆରେ ୯୫୭୫, ସୋରରେ ୯୧୯୫, ନୀଳଗିରିରେ ୪୬୧୪ ଓ ଔପଦା ବ୍ଲକରେ ୭୨୦୧ ଜଣଙ୍କ ସମେତ ଜିପିଏଲ୍ଏଫ୍ ଓ ଏସ୍ଏଚ୍‌ଜିଙ୍କ ଦ୍ୱାରା ୨୦୮୭ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ହେଲେ ଡିସେମ୍ବର ୨୭ରେ ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ମଣ୍ଡିରୁ ୩ଜଣ ଚାଷୀଙ୍କ ଠାରୁ ୮୯ କ୍ୱିଣ୍ଟାଲ, ରେମୁଣା ବ୍ଲକର ଶାସଙ୍ଗ ମଣ୍ଡିରୁ ୮ ଚାଷୀଙ୍କଠାରୁ ୧୩୩.୧୯ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଜାନୁଆରୀ ୩ରେ ନୀଳଗିରି ବ୍ଲକର ମିତ୍ରପୁର ମଣ୍ଡିରୁ ୮ଜଣ ଚାଷୀଙ୍କଠାରୁ ୨୩୦ କ୍ୱିଣ୍ଟାଲ, ଔପଦାର ଈଶ୍ୱରପୁର ମଣ୍ଡିରୁ ୪ଜଣ ଚାଷୀଙ୍କଠାରୁ ୯୮ କ୍ୱିଣ୍ଟାଲ ଓ ନିଜଗଡ଼ ମଣ୍ଡିରୁ ଜଣେ ଚାଷୀଙ୍କ ଠାରୁ ୨୯ କ୍ୱିଣ୍ଟାଲ, ଖଇରାର ପଳସା ମଣ୍ଡିରୁ ୬ଜଣ ଚାଷୀଙ୍କ ଠାରୁ ୧୯୧ କ୍ୱିଣ୍ଟାଲ ଓ ବର୍ତ୍ତନା ମଣ୍ଡିରୁ ୬ଜଣ ଚାଷୀଙ୍କଠାରୁ ୧୯୩.୫୧ କ୍ୱିଣ୍ଟାଲ, ସଦର ବ୍ଲକର ଶ୍ରୀରାମପୁର ମଣ୍ଡିରୁ ୬ଜଣ ଚାଷୀଙ୍କ ଠାରୁ ୨୩୦.୪୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ସମବାୟ ସମିତି ବାଲେଶ୍ୱର ଖଣ୍ଡ ଉପନିବନ୍ଧକ ସରୋଜିନୀ ନାୟକ ସୂଚନା ଦେଇଛନ୍ତି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସଙ୍କ କହିବାନୁଯାୟୀ, ସମସ୍ତ ମଣ୍ଡି ପାଇଁ ମିଲର ନିଯୁକ୍ତି ସରିଛି। ଚୁକ୍ତିନାମା ହୋଇଛି। ଧାନର ଟାର୍ଗେଟ୍ ପ୍ରଦାନ କରାଯାଇଛି। ଆସନ୍ତା ୨/୩ଦିନ ମଧ୍ୟରେ ସମସ୍ତ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ।

## ସଂକ୍ଷେପରେ

### ଭୟାବହ ଅଗ୍ନିକାଣ୍ଡ
### ୧୨ଲକ୍ଷ ଟଙ୍କାର ଜିନିଷ ନଷ୍ଟ

ଖଇରା, ୩।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ପାଞ୍ଚଗୋଛିଆ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ପ୍ରଶାନ୍ତ ବେହେରାଙ୍କ ଦୋକାନଗୃହ ଓ ବାସଗୃହ ଜଳିପୋଡି ନଷ୍ଟ ହୋଇଯାଇଛି। ଏଥିରେ ଦୋକାନରେ ଥିବା ୩ଟି ଫ୍ରିଜ ସହ ଗ୍ରସେରୀ ଜିନିଷ ଓ ଘରେ ଥିବା ସୁନା ଅଳଙ୍କାର ପୋଡିପାଉଁଶ ହୋଇଯାଇଛି। ଯାହାର ମୂଲ୍ୟ ୧୨ଲକ୍ଷ ହେବ ବୋଲି ଆକଳନ କରାଯାଉଛି । ଖବରପାଇ ଖଇରା ତହସିଲଦାର ଜିତେନ୍ଦ୍ର ମୁର୍ମୁ ଆର୍ଥିକ ସହାୟତା ରହିବା ପାଇଁ ପଲିଥିନ ପ୍ରଦାନ ନିମିତ୍ତ ଘୋଷଣା କରିଥିବା ବେଳେ ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀଙ୍କ ତରଫରୁ ରନ୍ଧାଖାଦ୍ୟ ପାଇଁ ରାଶନ ଓ ବିଧାୟକଙ୍କ ପ୍ରତିନିଧି ଭାବେ ଯୁବନେତା ନୀଳମାଧବ ପଣ୍ଡା ଘର ତିଆରି ପାଇଁ ବିଧାୟକ ହାତପାଣ୍ଠିରୁ ଅର୍ଥ ଯୋଗାଇବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଅଗ୍ନିଶମ ବାହିନୀ ବିଳମ୍ବରେ ପହଞ୍ଚିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ଖଇରା ପୋଲିସ, ଜିଲା ପରିବହନ ବିଭାଗର ମିଳିତ ଯାଞ୍ଚ

ଖଇରା, ୩।୧ (ଉତ୍କଳବନ୍ଧୁ ପଣ୍ଡା)

ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ଅର୍ଜୁନପୁର ଛକଠାରେ ଖଇରା ପୋଲିସ ଓ ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ଗାଡି ମୋଟର ଯାଞ୍ଚ କରାଯାଇ ଜରିମାନା ବାବଦକୁ ୨ଲକ୍ଷ ୯୩ହଜାର ୬୪୦ଟଙ୍କା ଆଦାୟ କରାଯାଇଛି। ପରିବହନ ବିଭାଗ ଇନ୍ସପେକ୍ଟର ସୌମ୍ୟରଞ୍ଜନ ମହାପାତ୍ର, ଖଇରା ଥାନା ଏଏସ୍ଆଇ ଗୌରହରୀ ବୁଗୁ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଏଥିରେ ୨୫ଟି ବାଇକ, ୩ଟି କାର୍ ଓ ଏକ ଓଭରଲୋଡ଼ ହାଇୱା ନିକଟରୁ ଏହି ଚାଲାଣ କଟାଯାଇଛି।

### ରାସ୍ତାକଡ଼ରେ ଚାଲିଛି ମାଂସ ବିକ୍ରି
#### ଜୀବେ ନିଷ୍ଠୁରତା ଆଇନକୁ ଅବମାନନା

ସୋର, ୩।୧ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକର ବିଭିନ୍ନ ରାସ୍ତାକଡ଼ରେ ଖୁଲମଖୁଲା ମାଂସ କାଟି ବିକ୍ରି କରାଯାଉଥିବାରୁ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜୀବେ ନିଷ୍ଠୁରତା ଆଇନକୁ ଅବମାନନା କରି ସୋରର ଉତ୍ତରେଶ୍ୱର, ମାଟିଆପହ୍ଲା ଛକ, କଲେଜ ଛକ, ସୋର-କୁପାରୀ ରାସ୍ତା, ସୋର- ଅନନ୍ତପୁର ରାସ୍ତା, କସିପୋଲ ତଥା ମ୍ୟୁନିସିପାଲିଟି ରାସ୍ତା ଓ ଜାତୀୟ ରାଜପଥ କଡ଼ରେ ଅବାଧରେ ମାଂସ କଟାଯାଉଛି। ନୂଆବର୍ଷ ଦିନ ମାଂସ ବିକ୍ରି ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏ ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପ୍ରାଣୀପ୍ରେମୀମାନେ ଅଭିଯୋଗ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ସଂସ୍କାର ପରିବାରରୁ ଆରମ୍ଭ ହୋଇଥାଏ


ଅନୁଷ୍ଠିତ ଉତ୍ସବରେ ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

**ଫକୀର ବିଶ୍ୱନାଥ ବିଦ୍ୟାପୀଠରେ ରୌପ୍ୟଜୟନ୍ତୀ ସମାରୋହ**

ସିମୁଳିଆ, ୩।୧ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଚାଲୁଣୀଗାଁ ଅଞ୍ଚଳର 'ଫକୀର ବିଶ୍ୱନାଥ ପଞ୍ଚାୟତ ବିଦ୍ୟାପୀଠ'ର ରୌପ୍ୟ ଜୟନ୍ତୀ ସମାରୋହ ଗତ ଗୁରୁ ଓ ଶୁକ୍ରବାର ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦ, ସ୍ଥାନୀୟବାସିନ୍ଦା ଓ ବର୍ତ୍ତମାନର ଛାତ୍ରୀଛାତ୍ରମାନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ଅତିଥି ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି କ୍ଷୀରୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲା ଶିକ୍ଷା ଅଧିକାରୀ ପ୍ରୀତୀତନୟା ଗିରି ଯୋଗଦେଇ ବିଦ୍ୟାଳୟରେ ପାଳିତ ବିଭିନ୍ନ ଉତ୍ସବ ବିଦ୍ୟାଳୟର ସ୍ମୃତିଚାରଣ କରିଥାଏ। ଛାତ୍ରୀଛାତ୍ରଙ୍କ ସଂସ୍କାର ପରିବାରରୁ ଆରମ୍ଭ ହୋଇଥାଏ ଓ ଶିକ୍ଷକମାନେ ଆଦର୍ଶବାନ ହେଲେ ପିଲାମାନେ ଅନୁପ୍ରାଣିତ ହୁଅନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଛାତ୍ରୀଛାତ୍ରଙ୍କ ରୁଚି ଅନୁସାରେ ସୁଯୋଗ ଦେଲେ ଶିକ୍ଷାର୍ଥୀର ବିକାଶ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ କୁମାର ଧଳ, ସ୍ଥାନୀୟ ସରପଞ୍ଚ ମମତାରାଣୀ ନାୟକ ଓ ପ୍ରଧାନ ଶିକ୍ଷକ ମାନଗୋବିନ୍ଦ ପଣ୍ଡା ପ୍ରମୁଖ ଥିଲେ। ଛାତ୍ରସଂସଦର ସଭାପତି କ୍ଷୀରୋଦ କୁମାର ଦାଶ ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ରୌପ୍ୟ ଜୟନ୍ତୀର ସ୍ମରଣିକା 'ଶ୍ୱେତପର୍ଣ୍ଣା' ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ୬୨ଜଣ କୃତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଶଶି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ମୁନି ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ


ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ବାଲେଶ୍ୱର, ୩।୧ (ବାଞ୍ଛାନିଧି ଦେ)

**'ଅମୃତର ମାର୍ଗ' ଉନ୍ମୋଚିତ**

ବାଲେଶ୍ୱର ସଦର ବ୍ଲକ ଅଧୀନ ହଳଦୀପଦାସ୍ଥିତ ସଦ୍‌ଗୁରୁ ଶିବମୁନି ଯୋଗ ସେବାଶ୍ରମ ପରିସରରେ ଦୁଇଦିନ ବ୍ୟାପୀ ମୁନି ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲା ଅଧ୍ୟକ୍ଷ ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୁନି ସମାଜର ପୂର୍ବତନ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଶଶଧର ମୁନି, ମୁଖ୍ୟବକ୍ତା ମୁନି ଏକାଡେମୀ ସଦସ୍ୟ ଯୋଗାଚାର୍ଯ୍ୟ ବାଇଧର ମୁନି, ସମ୍ମାନିତ ଅତିଥି ଯୋଗୀ ବିକାଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶଶଧର ମୁନିଙ୍କ ପ୍ରଣୀତ 'ଅମୃତର ମାର୍ଗ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଯୋଗାଚାର୍ଯ୍ୟା ଦୀପାଞ୍ଜଳି ଦାସ ସାମନ୍ତ, ମୁଖ୍ୟବକ୍ତା ଡ. ସୁବଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ଯୋଗଦେଇଥିଲେ। ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ସତ୍ୟ ପତାକା ଉତ୍ତୋଳନ କରିଥିଲେ। ଯୋଗାଚାର୍ଯ୍ୟ ଅନନ୍ତ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡା, ଯୋଗୀ ଚିତ୍ତରଞ୍ଜନ ଭୂୟାଁ, ଯୋଗୀ ପରମାନନ୍ଦ ବାରିକ, ଯୋଗୀ ତ୍ରିଲୋଚନ ମୁନି, ହରେକୃଷ୍ଣ ମୁନି ଓ ଯୋଗ ଶିକ୍ଷିକା ବହ୍ନିଶିଖା ଭଦ୍ର ପ୍ରମୁଖ ଯୋଗଦେଇଥିଲେ। ଆଶ୍ରମ କମିଟି ସଭାପତି ଯୋଗୀ ଚିତ୍ତରଞ୍ଜନ ସନ୍ଧିବିଗ୍ରହ ଓ ସମ୍ପାଦକ ଯୋଗୀ ସୁଶୀଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଯୋଗ, ସମୂହ ପ୍ରଣବ ଯଜ୍ଞ, ବେଦ, ଗୀତା ଓ ଭାଗବତ ପାଠ, ନଗର ପରିକ୍ରମା ଓ ଆଧ୍ୟାତ୍ମିକ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଝାମ୍ପିନେଲେ ୨ଲକ୍ଷ

ଜଳେଶ୍ୱର, ୩।୧ (ରବିନାରାୟଣ ପାତ୍ର)

ବ୍ୟାଙ୍କରୁ ଟଙ୍କା ଆଣି ଫେରୁଥିବା ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ମାଳଗଡିଆ ଗାଁର ଅବସରପ୍ରାପ୍ତ ଶିକ୍ଷକ ରାଧାକୃଷ୍ଣ ପ୍ରଧାନ(୭୫) ଶୁକ୍ରବାର ମଧ୍ୟାହ୍ନରେ ଜଳେଶ୍ୱର ଷ୍ଟେଟବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଧରି ଏକ ବାଇକ୍ ପଛରେ ବସି ଗାଁକୁ ଫେରୁଥିବା ବେଳେ ୨ ଦୁର୍ବୃତ୍ତ ପଛରୁ ଆସି ଟଙ୍କା ବ୍ୟାଗକୁ ଝାମ୍ପି ନେଇଥିଲେ। ଏଥିରେ ରାଧାକୃଷ୍ଣ ପ୍ରଧାନ ଓ ବାଇକ୍ ଚାଳକ ଚିତ୍କାର କରୁଥିବା ବେଳେ ଦୁର୍ବୃତ୍ତମାନେ ଟଙ୍କା ଧରି ବଡବଜାରରୁ ନୂଆବଜାର ଅଭିମୁଖେ ଏକ ବାଇକ୍‌ରେ ଦ୍ରୁତବେଗରେ ପଳାଇ ଯାଇଥିଲେ। ଏଥିରେ ରାଧାକୃଷ୍ଣ ବାଇକ୍‌ରୁ ତଳକୁ ପଡିଯାଇ ରକ୍ତ ଜୁଡୁବୁଡୁ ହୋଇ ଥାନାକୁ ଆସିଥିଲେ । ପରେ ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଗତ କିଛି ଦିନ ତଳେ ଅନ୍ୟଜଣେ ବ୍ୟକ୍ତି ଷ୍ଟେଟବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଧରି ଫେରୁଥିବା ବେଳେ ବଡବଜାର ରେଜେଷ୍ଟ୍ରି ଅଫିସ୍ ସମ୍ମୁଖରେ ସ୍କୁଟି ଡିକି ଭାଙ୍ଗି ଟଙ୍କାତକ ନେଇଯାଇଥିଲେ। ଏହି ଘଟଣାରେ ସିସିଟିଭି ଫୁଟେଜ ଅନୁଯାୟୀ ଦୁର୍ବୃତ୍ତଦ୍ୱୟ ପଶ୍ଚିମବଙ୍ଗର ଦାନ୍ତୁନ ଥାନାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଯାଇଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ପୋଲିସ ସମର୍ଥ ହୋଇ ପାରିନାହିଁ। ଆଜିର ଘଟଣାରେ ମଧ୍ୟ ଦାନ୍ତୁନ ଥାନାର ସେହି ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଯୁବକମାନେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାଯାଇଥିବା ପୋଲିସ୍ କହିଛି।

### ଆନ୍ଦୋଳନ ଚେତାବନୀ ପରେ ମିଲର ନିଯୁକ୍ତି
#### ସୋମବାରଠୁ ଧାନକ୍ରୟ

ଭୋଗରାଇ, ୩।୧ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଖରିଫ ଧାନ ବିକ୍ରି ନିମନ୍ତେ ଚାଷୀମାନେ ହଇରାଣ ହରକତ ହେଉଥିବା ବେଳେ ଗତ ୨୭ତାରିଖରେ ୧୯ଟି ସେବା ସମବାୟ ସମିତି ସମେତ ଗୋପୀନାଥପୁର ଗ୍ରାମର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିଲା । ହେଲେ ଅଦ୍ୟାବଧି ସେବା ସମବାୟ ସମିତିରେ ଧାନ କ୍ରୟ ହେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିଲା। ଏଭଳି ସ୍ଥିତିରେ ଚାଷୀଙ୍କ ଅସନ୍ତୋଷ ଓ ଦୁଃଖ ଲାଘବ ନିମନ୍ତେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଜିଲା ପ୍ରଶାସନ ୭ଦିନ ମଧ୍ୟରେ ଚାଷୀଙ୍କଠାରୁ ଧାନ କ୍ରୟ ନ କଲେ ବୃହତ୍ତର ଚାଷୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଚାଷୀଙ୍କ ଅସନ୍ତୋଷ ପ୍ରଶମିତ ନିମନ୍ତେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶକ୍ରମେ ୨୦ଟି ଧାନମଣ୍ଡିରେ ମିଲର ନିଯୁକ୍ତି କରାଯାଇ ଆସନ୍ତା ସୋମବାରଠୁ ମଣ୍ଡିମାନଙ୍କରେ ଧାନକିଣା ଆରମ୍ଭ ହେବ ବୋଲି ଭୋଗରାଇ ଯୋଗାଣ ଅଧିକାରୀ ସମରେଶ୍ୱର ବେହେରା ସୂଚନା ଦେଇଛନ୍ତି। ତେବେ ମିଲର ମାଲିକ ଓ ସେବା ସମବାୟ ସମିତି ମିଳିତ ଭାବେ କ୍ୱିଣ୍ଟାଲ ପିଛା ଚାଷୀଙ୍କଠାରୁ କେତେ କେଜି ଧାନ କାଟୁଛନ୍ତି ଦେଖିବାକୁ ବାକି ରହିଲା।

# ବେଆଇନ ମାଟି ଉତ୍ତୋଳନ ବେଳେ ପ୍ରଶାସନର ଚଢ଼ାଉ

କାଳିପଦା, ୩।୧ (ରାଜଶ୍ରୀ ପାଣିଗ୍ରାହୀ)


ଜବତ ଜେସିବି।

ବାଲିଆପାଳ ବ୍ଲକରେ ଦିନକୁ ଦିନ ବେଆଇନ ମାଟି ଉତ୍ତୋଳନ ବଢ଼ିବାରେ ଲାଗିଛି। ଶୁକ୍ରବାର ଜାମକୁଣ୍ଡା କୋଷ୍ଟ କେନାଲ ପାଖରେ ସରକାରୀ ଜାଗାରେ ୨ଟି ଜେସିବି ଏବଂ ୨୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ସାହାଯ୍ୟରେ ମାଟି ବୁହାଯାଉଥିଲା ଏବଂ ସେହି ଜାଗା ସହିତ ଅନ୍ୟ ଜାଗାରେ ମଧ୍ୟ ମାଟି ଖୋଳି ଗାଡ଼ିଆ କରି ଚାଲିଯାଉଛନ୍ତି। ଖବରପାଇ ବାଲିଆପାଳ ତହସିଲଦାର ଲୋକନାଥ ପ୍ରସାଦ ସେଠୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଆର୍ଆଇ ଅଜିତ୍ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜେସିବି (ନଂ. ଓଆର୍୦୧ୟୁ-୧୨୮୩)କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ଜେସିବି ଏବଂ ନମ୍ବର ନ ଥିବା ସବୁ ଟ୍ରାକ୍ଟର ଚମ୍ପଟ ମାରିଥିଲେ। ପରେ ପରେ ଆର୍ଆଇ ମାଟି କେତେ ଚୋରାଚାଲାଣ କରିଛନ୍ତି ତାର ମାପ ମଧ୍ୟ କରିଛନ୍ତି।

ଏ ବିଷୟରେ ତହସିଲଦାର ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଆର୍‌ଟିଓର ସହଯୋଗକ୍ରମେ ଗାଡ଼ି ଉପରେ ଏବଂ ମାଟି ଖନନ ଉପରେ ଆର୍ଆଇଙ୍କ ରିପୋର୍ଟ ହସ୍ତାନ୍ତର ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବାଘମରା ଚୋରା ପଥରଖାଦାନରେ ଗଚ୍ଛିତ ପଥର ନିଲାମ


ଗଚ୍ଛିତ ପଥରକୁ ନିଲାମ କରାଯାଉଛି।

ନୀଳଗିରି, ୩।୧ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ବାଘମରା ପଥର ଖାଦାନରୁ ପଥର ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ଚୋରିକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ମଧ୍ୟ ଚୋରା ଚାଲାଣକାରୀମାନେ ଆଗୁଆ ସୁରାକ ପାଇ ଫେରାର ହେଉଯାଉଥିବାରୁ ଖାଲି ହାତରେ ଫେରିବା ସାର ହେଉଛି। ରାଜସ୍ୱ ବିଭାଗର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା।

ନୀଳଗିରି ତହସିଲଦାର ସୋନମ ଦାସ ଓ ବାଲେଶ୍ୱର ମାଇନିଂ ବିଭାଗର ଅଧିକାରିଣୀ ସନ୍ତୋଷୀ ସେଠୀ ଗତ ବୁଧବାର ବାଘମରା ଖାଦାନରେ ପହଞ୍ଚି ଚୋରା ପଥର ଖାଦାନ ଉପରେ ଚଢାଉ କରି ଗଚ୍ଛିତ ପଥରକୁ ସିଜ୍ କରିଥିଲେ। ଶୁକ୍ରବାର ଅପରାହ୍ନ ୩ଟାରେ ଚୋରା ଗଚ୍ଛିତ ପଥରକୁ ପ୍ରକାଶ୍ୟରେ ନିଲାମ କରିଥିଲେ। ୬ଜଣ ନିଲାମଧାରୀଙ୍କ ଉପସ୍ଥିତିରେ ଡାକରା ଦିଆଯାଇଥିଲା। ସର୍ବୋଚ୍ଚ ନିଲାମଧାରୀ ଭାବେ ନୀଳଗିରି ଅଞ୍ଚଳର ଜୟନ୍ତ ଦାସ ୬ଲକ୍ଷ ୫୦ହଜାର ଟଙ୍କାରେ ଗଚ୍ଛିତ ପଥରକୁ ନେଇଥିଲେ। ନିଲାମ ସମୟରେ ନୀଳଗିରି ତହସିଲଦାର ସୋନମ ଦାସ, ଖଣି ଅଧିକାରିଣୀ ସନ୍ତୋଷିନୀ ସେଠୀ ଓ ନୀଳଗିରି ପୋଲିସ ଉପସ୍ଥିତ ଥିଲେ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ


ମା' ମାଳତୀ ଜୟନ୍ତଙ୍କୁ କେକ ଖୁଆଉଛନ୍ତି।

ଖଇରା, ୩।୧ (ଉତ୍କଳବନ୍ଧୁ ପଣ୍ଡା)

**ମା'ଙ୍କୁ କେକ୍ ଖୁଆଇଲେ, ସମର୍ଥକଙ୍କୁ ସମ୍ବର୍ଦ୍ଧିତ କଲେ**

ବାଲେଶ୍ୱର ଜିଲା ଖଇରା ବ୍ଲକର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ ନିଜର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ପ୍ରଥମେ ମା'ଙ୍କ ହାତରେ କାଟିବା ପରେ ମା' ମାଳତୀ ରାଉତ(୭୬)ଙ୍କୁ କେକ୍ ଖୁଆଇବା ଏବଂ ମା'ଙ୍କ ହାତରୁ ଖାଇବା ଦୃଶ୍ୟ ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା। ପରେ ଉପସ୍ଥିତ ଥିବା ୭ଜଣ ୱାର୍ଡସଭ୍ୟ ଓ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ କୁପାରୀ ପଞ୍ଚାୟତର ୧୫ ୱାର୍ଡରୁ ସମର୍ଥକମାନେ ଉପସ୍ଥିତ ରହି ରାଉତଙ୍କ ସହ କରମର୍ଦ୍ଦନ କରିଥିଲେ। ରାଉତ ୩ବର୍ଷ ଧରି କ୍ଷମତାରେ ନ ଥିବା ବେଳେ ଜନ୍ମଦିନରେ ଏତେ ସଂଖ୍ୟାର ସମର୍ଥକ ଉପସ୍ଥିତ ରହିବା ତାଙ୍କର ଲୋକପ୍ରିୟତାକୁ ପ୍ରମାଣ କରିଛି । ଜନ୍ମଦିନ ପାଳନ ଅବସରରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ରାଜେଶ କୁମାର ରାଉତ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ଦୁଙ୍ଗୁରା ସରପଞ୍ଚ ପ୍ରକାଶ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲଦାର କରୁଛନ୍ତି ବିଡିଓଙ୍କ କାମ

## ସ୍ଥାଣୁ ହୋଇ ପଡିଛି ୩ ବ୍ଲକର ପ୍ରଶାସନ

ଖଇରା, ୩।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ସମେତ ପଡୋଶୀ ସିମୁଳିଆ ଓ ଔପଦା ବ୍ଲକରେ ମାସ ମାସ ଧରି ବିଡିଓ ପଦବୀ ଖାଲି ପଡିଛି। ବର୍ତ୍ତମାନ ଏହି ୩ ବ୍ଲକର ତହସିଲଦାରମାନେ ବିଡିଓ ଦାୟିତ୍ୱରେ ଅଛନ୍ତି । ଏଣୁ ଉପରୋକ୍ତ ୩ ବ୍ଲକର ପ୍ରଶାସନ ଏକ ପ୍ରକାର ସ୍ଥାଣୁ ପାଲଟିଯାଇଛି। ସିମୁଳିଆ ଓ ଔପଦା ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବା ଖଇରା ବ୍ଲକ ବିଡିଓ ଅନନ୍ତ ରାଉତଙ୍କର ୧ମାସ ତଳେ ରାଇରଙ୍ଗପୁର ବଦଳି ହୋଇଯିବା ପରେ ୩ ବ୍ଲକରେ ଅଚଳାବସ୍ଥା ଦେଖାଦେଇଛି। ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର କାମ ଚାଲୁଥିବା ବେଳେ ବିଡିଓ ମରୁଡି ୩ ବ୍ଲକର ପ୍ରଗତି ଓ ବିକାଶରେ ବାଧା ସୃଷ୍ଟି କରୁଛି। ତୁରନ୍ତ ବିଡିଓ ନିଯୁକ୍ତି କରା ନ ଗଲେ ଲୋକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବିରୋଧୀ ରାଜନୈତିକ ସଙ୍ଗଠନଗୁଡିକ ପକ୍ଷରୁ ଚେତାବନୀ ଦିଆଯାଇଛି।

ସେପ୍ଟେମ୍ବର ୨୦୨୪ରୁ ଖଇରା ବ୍ଲକ ବିଡିଓ ଅନନ୍ତ ହାଁସଦାଙ୍କର ବଦଳି ରାଇରଙ୍ଗପୁରକୁ ହୋଇଥିବା ବେଳେ ନୂଆ ବିଡିଓ ଆସି ନ ଥିବାରୁ ଏବଂ ଔପଦା ଓ ସିମୁଳିଆରେ ଅତିରିକ୍ତ ଦାୟିତ୍ୱରେ ଥିବାରୁ ତାଙ୍କୁ ଜିଲାପାଳ ରିଲିଭ କରି ନ ଥିଲେ। ହେଲେ ନଭେମ୍ବରରେ ସରକାରଙ୍କ ଚେତାବନୀକୁ ସମ୍ମାନ ଦେଇ ବିଡିଓ ହାଁସଦା ବାଧ୍ୟ ହୋଇ ଖଇରା ଛାଡିଥିଲେ। ସେହିଦିନଠାରୁ ୩ ବ୍ଲକ ମୁରବୀଶୂନ୍ୟ ହୋଇପଡିଛି । ଖଇରା ବ୍ଲକ ଦାୟିତ୍ୱ ତହସିଲଦାର ଜିତେନ୍ଦ୍ର ମୁର୍ମୁ, ଔପଦା ବ୍ଲକ ଦାୟିତ୍ୱ ଔପଦା ତହସିଲଦାର ମିତାଲୀ ମଧୁଛନ୍ଦା ପାତ୍ର ଓ ସିମୁଳିଆ ବିଡିଓ ଦାୟିତ୍ୱରେ ସେଠକାର ତହସିଲଦାର ସୁନୀଲ କୁମାର ଟୁଡୁ ରହିଛନ୍ତି। ତହସିଲଦାର ଭଳି ବ୍ୟସ୍ତବହୁଳ ପଦବୀ ସହ ବିଡିଓ ପଦବୀ ସମ୍ଭାଳିବା ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଥିବାରୁ ଲୋକମାନଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯାଇପାରୁନାହିଁ । ସାଧାରଣ ଲୋକେ ଏଥପାଇଁ ବିଭିନ୍ନ କାମ ପାଇଁ ବ୍ଲକକୁ ଦୌଡି ଦୌଡି ଅତିଷ୍ଠ ପଡୁଥିଲେ ହେଁ ପଞ୍ଚାୟତିରାଜ ବିଭାଗ ଏହାକୁ ଗୁରୁତର ସହ ନ ନେବା ଦୁର୍ଭାଗ୍ୟର ବିଷୟ ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

